ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK    पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.304, Bhubaneswar Sunday, January 19, 2020 | ୨୨ତମ ବର୍ଷ | ସଂଖ୍ୟା–୩୦୪ | ଭୁବନେଶ୍ୱର, ରବିବାର, ଜାନୁଆରୀ ୧୯, ୨୦୨୦ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ପୁଲିସ୍- ମାଓବାଦୀ ଗୁଳି ବିନିମୟ : କ୍ୟାମ୍ପ ଛାଡି ପଳାଇଗଲେ ମାଓବାଦୀ

କନ୍ଧମାଳ, ୧୮।୧(ପି.ଏନ): ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସୁମେରୁବନ୍ଧ ଅଂଚଳର ଜଙ୍ଗଲେ ଶୁକ୍ରବାର ପୁଲିସ୍‌ର ଏସଓଜି ଜବାନଙ୍କ ସହ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଛି । ସକାଳ ଓ ସନ୍ଧ୍ୟାରେ ଏହି ଗୁଳିବିନିମୟ ହୋଇଥିବା ବେଳଲେ ମାଓବାଦୀମାନେ କ୍ୟାମ୍ପ ଛାଡି ପଳାଇଥିବା ଜଣା ପଡିଛି । ଏସପି ପ୍ରତିକ୍ ସିଂଙ୍କ ସୂଚନା ଅନୁଯାୟୀ ସୁମେରୁବନ୍ଧ ଅଂଚଳରେ ଥିବା ଜଙ୍ଗଲରେ ମାଓବାଦୀ ଚଳପ୍ରଚଳ ହେଉଥିବା ନେଇ ସୂଚନା ପଇବା ପରେ ଶୁକ୍ରବାର ଏସଓଜି ଟିମ୍ କୁମ୍ବିଂ ଅପରେସନ କରିଥିଲା । କୁମ୍ବିଂ ଅପରେସନ ଚାଲିଥିବା ସମୟରେ ସକାଳ ପ୍ରାୟ ୮ଟା ବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ । ଏସଓଜି ଜବାନମାନେ ଏହାର ପାଲଟା ଜବାବ ଦେଇଥିଲେ । ଜବାନଙ୍କ ପ୍ରତି ଆକ୍ରମଣକୁ ସମ୍ଭାଳି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ କ୍ୟାମ୍ପ ଛାଡି ପଳାଇଥିଲେ । । ଏହା ପରେ ମଧ୍ୟ ଯବାନ ମାନେ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରଖିଥିବା ବେଳେ ସନ୍ଧ୍ୟା ପ୍ରାୟ ୫ଟାରେ ପୁଣି ମାଓବାଦୀଙ୍କ ତରଫରୁ ଗୁଳି ଚାଳନା ହୋଇଥିଲା । ତେବେ ସନ୍ଧ୍ୟା ହୋଇ ଯାଇଥିବାରୁ କିଛି ସମୟ ଗୁଳି ମବିନିମୟ ପରେ ମାଓବାଦୀମାନେ ଘଂଚ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲେ । ପରେ ଯବାନମାନେ କ୍ୟାମ୍ପ ଉପରେ ଚଢାଉ କରି ମାଓବାଦୀ ଛାଡି ଯାଇଥିବା ବିପୁଳ ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି ।

## ଅଚାନକ ଅଙ୍ଗନବାଡୀ ପରିଦର୍ଶନ କଲେ ଖୋର୍ଦ୍ଧା ଜିଲ୍ଲାପାଳ

ଭୁବନେଶ୍ୱର,୧୮।୧(ପି.ଏନ): ଖୋର୍ଦ୍ଧା ପୌର ପରିଷଦ ଅଂଚଳରେ ଥିବା ବିଭିନ୍ନ ଅଙ୍ଗନବାଡୀ କେନ୍ଦ୍ରଗୁଡିକୁ ଅଚାନକ ପରିଦର୍ଶନ କରିଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ ସୀତାଂଶୁ କୁମାର ରାଉତ । ସେଠାରେ ବିଭିନ୍ନ ଅନିୟମିତତା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ । ୪ଟି ଅଙ୍ଗନବାଡୀ କେନ୍ଦ୍ର କର୍ମୀ ଓ ସହାୟିକାଙ୍କ ପାରିଶ୍ରମିକ ବନ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ଅଙ୍ଗନବାଡୀ କେନ୍ଦ୍ରକୁ କାରଣ ଦର୍ଶାଅ ନୋଟିସ୍ ଜାରୀ କରିଛନ୍ତି ।

## ଆସାମରେ ଦଳର ସଂଗଠନ ବୃଦ୍ଧି ଓ ଜନସମର୍ଥନ ଆହୁରି ବଢିବ: ଧର୍ମେନ୍ଦ୍ର ପ୍ରଧାନ



ଆସାମ/ଭୁବନେଶ୍ୱର, ୧୮।୧(ପି.ଏନ): କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଆସାମ ରାଜ୍ୟ ଗସ୍ତ କରି ବିଜେପିର ଅଧ୍ୟକ୍ଷ ନିର୍ବାଚନରେ ଯୋଗଦେଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଆସାମ ରାଜ୍ୟର ବିଜେପି ସଭାପତି ଭାବେ ମୋନନୀତ ରଞ୍ଜିତ କୁମାର ଦାସଙ୍କୁ ଅଭିନନ୍ଦନ ଜଣାଇବା ସହ ଆସାମରେ ଦଳର ସଂଗଠନ ବୃଦ୍ଧି ଓ ଜନସମର୍ଥନ ଆହୁରି ବଢିବ ବୋଲି ମତବ୍ୟକ୍ତ କରିଛନ୍ତି । ଏ ନେଇ ଶ୍ରୀ ପ୍ରଧାନ ଟ୍ୱିଟରରେ କହିଛନ୍ତି ଯେ ଯୁବ ଏବଂ ଦକ୍ଷତାସମ୍ପନ୍ନ ରଞ୍ଜିତ କୁମାର ଦାସଙ୍କୁ ପୁନର୍ବାର ଆସାମର ବିଜେପି ଅଧ୍ୟକ୍ଷ ଭାବେ ଚୟନ କରାଯାଇଥିବାରୁ ତାଙ୍କୁ ହାର୍ଦ୍ଦିକ ଶୁଭକାମନା । ତାଙ୍କର ଅନୁଭବ ଏବଂ ସାଂଗଠନିକ ଦକ୍ଷତା ଦ୍ୱାରା ଉକ୍ତ ରାଜ୍ୟରେ ବିଜେପିର ଲୋକପ୍ରିୟତା ବଢିବ । ଆସାମର ମୁଖ୍ୟମନ୍ତ୍ରୀ ସରବାନନ୍ଦ ସୋନୋୱାଲ ଏବଂ ରାଜ୍ୟ ଅର୍ଥମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ଆସାମରେ ବିଜେପି ମଜବୁତ୍ ହୋଇଛି ଏବଂ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି । ଆସାମ ସମେତ ସାରା ପୂର୍ବ-ଉତର ରାଜ୍ୟ ଗୁଡିକରେ ବିଜେପିର ଲୋକପ୍ରିୟତା ଓ ଦଳୀୟ ସଂଗଠନ ବୃଦ୍ଧି ପାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଏବଂ କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ନେତୃତ୍ୱରେ ପୂର୍ବ-ଉତର ରାଜ୍ୟ ଗୁଡିକରେ ଦଳୀୟ ସଂଗଠନକୁ ଆହୁରି ମଜବୁତ୍ କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ ଏହି ଅବସରରେ ଶ୍ରୀ ପ୍ରଧାନ ଆସାମର ମୁଖ୍ୟମନ୍ତ୍ରୀ ସରବାନନ୍ଦ ସୋନଓ୍ୱାଲଙ୍କୁ ଭେଟିବା ସହ ରାଜ୍ୟରେ ବିଭିନ୍ନ ତୈଳ ଓ ଗ୍ୟାସ ପ୍ରକଳ୍ପର ସମୀକ୍ଷା କରିବା ସହ ଏହାର ଭିତିଭୂମି ଉପରେ ଗୁରୁତ୍ୱ ଦେଇଥିଲେ ।

## ପରିତ୍ୟକ୍ତ ସ୍ଥାନରୁ ଅପରିପକ୍ୱ କନ୍ୟାଭ୍ରୂଣ ଠାବ

ଗଞ୍ଜାମ, ୧୮।୧(ପି.ଏନ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ବଳଦିଆ ସୁଣ୍ଡିପଲ୍ଲୀ ଗାଁର ଏକ ପରିତ୍ୟକ୍ତ ସ୍ଥାନରେ ଆଜି ସକାଳେ ଏକ ଅପରିପକ୍ୱ କନ୍ୟାଭ୍ରୂଣ ପଡିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ସେମାନେ ଏନେଇ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ଏହାକୁ ଉଦ୍ଧାର କରିବା ସହିତ ଭ୍ରୂଣର ପରୀକ୍ଷା ପାଇଁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଇଛି । ତେବେ ଏହା କିପରି ଏଠାରେ ପଡିଲା କିମ୍ବା କେହି ତାକୁ ଏଠାରେ ପକାଇଛି ତାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର୍ ଧରିଛି । ସମ୍ଭବତଃ ଅବୈଧ ସମ୍ପର୍କରୁ ଜାତ ଶିଶୁକନ୍ୟା କିମ୍ବା ଅଲଟ୍ରାସାଉଣ୍ଡରୁ ଗର୍ଭସ୍ଥ ଶିଶୁ କନ୍ୟା ଥିବା ଜାଣି ଏହି ଭ୍ରୂଣକୁ ହତ୍ୟା କରିବା ପରେ କେହି ଏଠାରେ ଫିଙ୍ଗି ଚାଲିଯାଇଥିବା ସନ୍ଦେହ କରାଯାଉଛି । ପୋଲିସ ପକ୍ଷରୁ ସେନେଇ ଅଧିକ ତଦନ୍ତ ଜାରୀ ରହିଛି ।

## କେନ୍ଦୁଝର ମଧ୍ୟଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ ସିରିଜ ଦୁର୍ଘଟଣା
### ପଛକୁ ପଛ ପିଟି ହେଲା ୩ ଟି, ଟ୍ରକରେ ଚାପିହୋଇ ରହିଗଲେ ଜଣେ ଡ୍ରାଇଭର

କେନ୍ଦୁଝର, ୧୧୮।୧(ପି.ଏନ): କେନ୍ଦୁଝର ଜିଲ୍ଲାର ଲାଇଫ ଲାଇନ ୨୦ ନମ୍ବର ଜାତୀୟ ରାଜପଥ ଏବେ ଯେଭଳି ପାଲଟିଛି ଆକ୍ସିଡେଣ୍ଟ ଲାଇନ । ଆଉ ଆଜି ଶିବାର ଦିନ ଏହି ୨୦ ନମ୍ବର ଜାତୀୟ ରାଜପଥର ଅଚିନ୍ତାମଠ ନିକଟରେ ଘଟିଛି ସିରିଜ ଦୁର୍ଘଟଣା । ଏହି ଦୁର୍ଘଟଣାରେ ପଛକୁ ପଛ ପିଟି ହୋଇଥିଲା ୩ ଟି ଲୁହା ପଥର ବୋଝେଇ ଟ୍ରକ । ଶେଷ ଟ୍ରକ ର ଷ୍ଟିଅରିଂ ରେ ଚାପି ହୋଇ ରହିଯାଇଥିଲେ ଡ୍ରାଇଭର । ଏବଂ ଅନ୍ୟ ଜଣେ ଗୁରୁତର ଡ୍ରାଇଭର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି ହୋଇଛନ୍ତି । ଡ୍ରାଇଭର ଙ୍କୁ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗ ଓ ଓଡ୍ରାଫଟ୍ ଟିମ କୁ ଦୀର୍ଘ ୨ ଘଣ୍ଟାରୁ ଉର୍ଦ୍ଧ ସମୟ ଉଦ୍ୟମ କରିବାକୁ ପଡିଥିଲା । ଆଜି ଶନିବାର ସକାଳେ ଦୁଇଟି ଆଇରନ ବୋଝେଇ ଟ୍ରକ ପଛକୁ ପଛ ଏହି ୨୦ ନମ୍ବର ଜାତୀୟ ରାଜପଥର ସିଦ୍ଧମଠ ନିକଟସ୍ଥ ଅଚିନ୍ତାମଠ ନିକଟରେ ଠିଆ ହୋଇଥିବା ସମୟରେ ପ୍ରାୟ ୬.୩୦ ମିନଟ ସମୟରେ ପଛପଟୁ ଆସୁଥିବା ଆଉ ଏକ ଟ୍ରକ ପଛରୁ ଧକ୍କା ଦେଇଥିଲା ଫଳରେ ତିନୋଟି ଯାକ ଟ୍ରକ ପଛକୁ ପଛ ପିଟି ହୋଇଯାଇଥିଲେ । ଏହି ଧକ୍କା ଫଳରେ ପ୍ରଥମ ଗାଡିର ଡ୍ରାଇଭର ଗୁରୁତର ଆହତ ହୋଇଥବା ବେଳେ ତାକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ଏବଂ ଶେଷ ଟ୍ରକ ଟିର ଡ୍ରାଇଭର ଷ୍ଟିଅରିଂ ରେ ଚାପି ହୋଇ ରହିଯାଇଥିଲେ । ଷ୍ଟିଅରିଂ ରେ ଚାପି ହୋଇ ଡ୍ରାଇଭର ଯନ୍ତ୍ରଣା ରେ ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ଓ ଆଗ୍ନିଶମ ବିଭାଗ ର କର୍ମଚାରୀ ମାନେ ଦୀର୍ଘ ୨ ଘଣ୍ଟା ରୁ ଉର୍ଦ୍ଧ ସମୟର ପରିଶ୍ରମ ପରେ ତାଙ୍କୁ ଉଦ୍ଧାର କରିଥିଲେ । ଏହି ଦୁର୍ଘଟଣାରେ ଡ୍ରାଇଭର ବାସୁଦେବ ବେହେରା ଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି । ତାଙ୍କର ଘର ଢେଙ୍କାନାଳ ଜିଲ୍ଲା ଚନ୍ଦ୍ରଶେଖରପୁର ଅଞ୍ଚଳରେ ବୋଲି ଜଣା ପଡିଛି ।

## ଟ୍ରକ୍ ପଛରେ ପିଟିଲା ତୀର୍ଥ ଯାତ୍ରୀ ବସ୍ : ୨୦ ଆହତ

ବାଲେଶ୍ୱର, ୧୮।୧(ପି.ଏନ): ପଶ୍ଚିମବଙ୍ଗର ହୁଗୁଳିରୁ ପୁରୀ ଅଭିମୁଖେ ଆସୁଥିବା ଏକ ତୀର୍ଥଯାତ୍ରୀ ବସ୍ ଆଜି ଭୋରରୁ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ବସ୍ ରେ ଯାତ୍ରା କରୁଥିବା ପ୍ରାୟ ୭୦ ଯାତ୍ରୀଙ୍କ ମଧ୍ୟରୁ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ଆହତଙ୍କ ମଧରେ ମହିଳା ଓ ଶିଶୁ ମଧ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଗୁରୁତର ମାନଙ୍କୁ ପ୍ରଥମେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟ ଆହତ ମାନେ ଖନ୍ତାପଡ଼ା ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି । ସୂଚନା ଅନୁଯାୟୀ, ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଏକ ତୀର୍ଥ ଯାତ୍ରୀ ବସ୍ ପଶ୍ଚିମବଙ୍ଗରୁ ପୁରୀ ଅଭିମୁଖେ ଆସୁଥିଲା । ହେଲେ ବସ୍ ଟି ଶେରେଗଡ଼-ଖନ୍ତାପଡ଼ା ରାସ୍ତାର ଶେରେଗଡ଼ ଟୋଲଗେଟର ଅନତି ଦୂରରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ଧକ୍କା ଦେଇଥିଲା । ଦୁର୍ଘଟଣାରେ ବସ୍ ର ସାମ୍ନା ଭାଗ ନଷ୍ଟ ହୋଇଯାଇଛି । ବସ୍ ଟି ଦ୍ରୁତ ଗତିରେ ଯାଉଥିବା କାରଣରୁ ଭାରସାମ୍ୟ ହରାଇ ଟ୍ରକ୍ ପଛରେ ଧକ୍କା ଦେଇଥିବା କେତେକ ଯାତ୍ରୀ କହିଛନ୍ତି । ଅନ୍ୟପକ୍ଷରେ ଘନ କୁହୁଡ଼ି ଯୋଗୁଁ କିମ୍ବା ଡ୍ରାଇଭରର ଆଖି ଲାଗିଯିବା କାରଣରୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି । ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ । ସମସ୍ତ ଆହତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଡ଼ାକ୍ତରଖାନାରେ ଭର୍ତି କରାଯାଇଥିଲା ।

## ଆଜିଠୁ ଭୁବନେଶ୍ୱରରେ ପଲସ୍ ପୋଲିଓ ଟୀକାକରଣ

ଭୁବନେଶ୍ୱର,୧୮।୧(ପି.ଏନ): ଭୁବନେଶ୍ୱରରେ ଆସନ୍ତାକାଲି (ରବିବାର)ଠାରୁ ପଲସ୍ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ । ୨୪୯ଟି ବୁଥ୍‌ରେ ୪୯୮ଟି ଦଳ ଅନ୍ତର୍ଭୁକ୍ତ ୯୯୬ଟି ଟୀକାଦାନକାରୀ ଏହି ବ୍ୟାପକ କାର୍ଯ୍ୟକ୍ରମକୁ ପରିଚାଳନା କରିବେ । ରେଲଓ୍ୱେ ଷ୍ଟେସନ୍, ବସ୍‌ଷ୍ଟାଣ୍ଡ ଓ ହାଟ ପ୍ରଭୃତି ଗହଳି ସ୍ଥାନ ମାନଙ୍କରେ ବହିରାଗତ ଶିଶୁମାନଙ୍କୁ ପୋଲିଓ ଟୀକା ଦେବା ପାଇଁ ୩୦ଟି ଅସ୍ଥାୟୀ ଦଳ ଗଠନ କରାଯାଇଛି । ୫ଟି ଭ୍ରମ୍ୟମାଣ ଦଳ ମୁତୟନ ହୋଇ ସମସ୍ତ ନିର୍ମାଣାଧିନ ସ୍ଥଳୀଗୁଡ଼ିକରେ ପଲସ୍ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ସମାହିତ ହେବ ।୫ ବର୍ଷରୁ କମ୍ ସମସ୍ତ ଶିଶୁଙ୍କୁ ଏହି ପଲସ୍ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ଜରୁରୀ । ଏଥିନିମନ୍ତେ ଆଶା ଓ ଅଙ୍ଗନଓ୍ୱାଡ଼ି କର୍ମୀମାନେ ରାଜଧାନୀର ପ୍ରତ୍ୟେକ ଘର ବୁଲି ସୂଚନା ଦେବା ଓ ସଚେତନତାର ପ୍ରସାର କରାଇବା ଆବଶ୍ୟକ । ରାଜଧାନୀର ବିଭିନ୍ନ ବସ୍ତିରେ ରହୁଥିବା ପରିବାରଗୁଡ଼ିକର ୫ବର୍ଷରୁ କମ୍ ସମସ୍ତ ଶିଶୁ ଯେପରି ଏହି ପୋଲିଓ ଟୀକାକରଣ ସୁଯୋଗ ନେଇପାରିବେ ସେ ଦିଗରେ ସମସ୍ତ ଉଦ୍ୟମ କରିବାକୁ ଶ୍ରୀ ଚୌଧୁରୀ ପରାମର୍ଶ ଦେଇଥିଲେ । କେଉଁ ଅଂଚଳରେ କେଉଁଠି ବୁଥ୍ ହୋଇଛି, ସେ ସମ୍ବନ୍ଧରେ ଜାଣିବା ପାଇଁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ ଓ୍ୱେବ୍‌ସାଇଟ୍‌ରେ ଲିଙ୍କ୍ ଦିଆଯିବ । ଭୁବନେଶ୍ୱର ଡଟ୍ ମି ରେ ମଧ ଏ ସମ୍ବନ୍ଧୀୟ ପୂର୍ଣ୍ଣାଙ୍ଗ ତଥ୍ୟ ରହିବ । ଏଠାରେ ସୂଚନାଯୋଗ୍ୟ ଯେ ୨୦୦୯ ମସିହାରେ ଆମ ଦେଶରେ ବିଶ୍ୱର ୫୦ ପ୍ରତିଶତରୁ ଅଧିକ ପୋଲିଓ ରୋଗୀ ଥିଲେ, ୨୦୧୪ ମାର୍ଚ୍ଚ ମାସରେ ଭାରତକୁ ପୋଲିଓମୁକ୍ତ ଦେଶଭାବେ ଘୋଷଣା କରାଯାଇପାରିଛି । ବ୍ୟାପକ ଟୀକାକରଣ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ତେବେ ୨୦୨୩ ମସିହା ସୁଦ୍ଧା ସାରା ବିଶ୍ୱର ଶିଶୁମାନଙ୍କୁ ପାଟିରେ ପୋଲିଓ ଟୀକାର ବୁନ୍ଦା ଦେବା ବନ୍ଦ କରାଯିବ ।

## ବାଙ୍କିମୁହାଣ ପାର୍କ ପାଲଟିଛି ନିଶାଖୋରଙ୍କ ଆଡ୍ଡାସ୍ଥଳୀ

ପୁରୀ, ୧୮।୧(ପି.ଏନ): ପୁରୀକୁ ବିଶ୍ୱ ଐତିହ୍ୟ ନଗର କରି ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ସ୍ୱପ୍ନ ଦେଖିଛନ୍ତି । ସ୍ୱପ୍ନକୁ ସାକାର କରିବା ପାଇଁ କାମ ଆରମ୍ଭ ହୋଇଛି । ସ୍ୱର୍ଗଦ୍ୱାର ବେଳାଭୂମିକୁ ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବେଳାଭୂମିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ପାର୍କ ନିର୍ମାଣ କରାଯାଇଥିଲା । କିନ୍ତୁ, ପାର୍କଟି ଉଦଘାଟିତ ନହୋଇପାରି ପଡିରହିଛି । ପାର୍କଟି କେଉଁ ଅନୁଦାନରୁ ନିର୍ମାଣ କରାଯାଇଛି, କେତେ ଟଙ୍କା ବିନିଯୋଗ ହୋଇଛି, ପାର୍କର ନକ୍ସା କଣ, ସୌନ୍ଦର୍ଯ୍ୟକରଣ ପାଇଁ କି କି ପଦକ୍ଷେପ ନିଆଯାଇଛି । ସୁରକ୍ଷା ଓ ପ୍ରାଚେରୀ ପାଇଁ କଣ ବ୍ୟବସ୍ଥା ହୋଇଛି ସେ ସଂପର୍କରେ କୌଣସି ଫଳକ ମରାଯାଇ ନାହିଁ । କେଉଁ ସଂସ୍ଥା ଏହାକୁ କରୁଛି, କିଏ ଏହାର ଠିକାଦାରୀ ନେଇଛି ସେ ସଂପର୍କରେ ସଠିକ୍ ତଥ୍ୟ ପୁରୀବାସୀମାନେ ଜାଣିପାରୁ ନାହାଁନ୍ତି । ପାର୍କଟି ଖୋଲାରହିଥିବାରୁ ଦିନରେ କଲେଜ ପଢୁଆ ଛାତ୍ରଛାତ୍ରୀମାନେ ସେଠାରେ ହଳ ହଳ ହୋଇ ବସୁଥିବା ଦେଖିବାକୁ ମିଳୁଛି । ସଂଜ ନଇଁଲେ ଅସାମାଜିକଙ୍କ ଆଡ୍ଡା ଜମୁଛି । ଏହାସହ ସେଠାରେ ଶହ ଶହ ମଦ ବୋତଲ, ମିକ୍ସଚର ଜରି, ଅଣ୍ଡାଖୋଳ, ଚିକେନ ହାଡ, ଗଞ୍ଜେଇ ନଳୀ, ପଲିଥିନ୍ ଓ ଅଇଁଠା ପ୍ଲେଟ ପଡୁଥିବା ଦେଖିବାକୁ ମିଳୁଛି । ନିଶାଖୋରମାନେ ଏଭଳି ମାତାଲ ହେଉଛନ୍ତି ଯେ ପର୍ଯ୍ୟଟକଙ୍କୁ ବଟି ମାଗିବା ଅଭିଯୋଗ ସାମ୍ନାକୁ ଆସୁଛି । ଯେଉଁଥିପାଇଁ ସନ୍ଧ୍ୟା ସମୟରେ ସମୁଦ୍ରକୂଳେ ପର୍ଯ୍ୟଟକମାନେ ଯାଆସ କରିବା ପାଇଁ ଭୟ କରୁଛନ୍ତି । ଶୀଘ୍ର ଏହି ପାର୍କକୁ ଉଦଘାଟନ କରାଯିବା ସହ ଫଳକ ମାରିବା ପାଇଁ ସାଧାରଣରେ ଦାବି ହେଉଛି।

## କାର୍ ସହ ୬୭ କେଜି ଗଞ୍ଜେଇ ଜବତ : ତିନି ଗିରଫ

ଗଞ୍ଜାମ, ୧୮।୧(ପି.ଏନ): କାର୍ ଯୋଗେ କନ୍ଧମାଳରୁ ପଶ୍ଚିମବଙ୍ଗ ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ ବେଳେ ଧରାପଡିଛି । କାର୍ ରୁ ୬୭ କେଜି ଗଞ୍ଜେଇ ଜବତ କରିବା ସହ ଘଟଣାରେ ଜଡ଼ିତ ତିନି ଜଣଙ୍କୁ ଗିରଫ କରିଛି ପୋଲିସ । ଅଭିଯୁକ୍ତ ମାନେ ଏକ ନମ୍ବର ବିହୀନ କାର୍ ଯୋଗେ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ଭଞ୍ଜନଗର ନିକଟସ୍ଥ ଗାମୁଣ୍ଡି ଗାଁ ନିକଟରେ ଭଞ୍ଜନଗର ପୋଲିସ ଗାଡି ଓ ଗଞ୍ଜେଇକୁ ଜବତ କରିବା ସହ ଘଟଣାରେ ତିନି ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଏସ୍. ଶେଖ୍, ଟିଙ୍କୁ ଶେଖ୍ ଏବଂ କୃପାସିନ୍ଧୁ ବେହେରା । ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଥିଲା । ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତ ମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ୩୧/୨୦ ରେ ଏକ ମାମଲା ରୁଜୁ ହୋଇଛି ।

## ମାର୍ଚ୍ଚରୁ କଡାକଡି ହେବ ଟ୍ରାଫିକ୍ ନିୟମ : ପ୍ରତି ୩୦ କିମିରେ ଜଗିବ ସ୍କ୍ୱାର୍ଡ
### ବାଇକ୍ ପଛରେ ବସିଲେ ବି ଲଗାଇବାକୁ ପଡିବ ହେଲମେଟ୍

ଭୁବନେଶ୍ୱର, ୧୮।୧(ପି.ଏନ): ବର୍ଷକ ମଧ୍ୟରେ ସଡକ ଦୁର୍ଘଟଣା ହାର ୨୦ ପ୍ରତିଶତ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଟ୍ରାଫିକ୍ ନିୟମକୁ ଆହୁରି ଅଧିକ କଡାକଡି କରାଯିବ ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ପ୍ରତି ୩୦ କିମି ବ୍ୟବଧାନରେ ମୋବାଇଲ ସ୍କ୍ୱାର୍ଡ ରହିବେ ଏବଂ ଯାଂଚ କରିବେ । ଏଥିପାଇଁ ଅଧିକ ସଂଖ୍ୟକ ,କର୍ମଚାରୀ ଓ ପେଟ୍ରୋଲିଂ ଗାଡି ଆବଶ୍ୟକ ହେଉଥିବାରୁ କେନ୍ଦ୍ରକୁ ଏଥିପାଇଁ ସହାୟତା ମଗାଯିବ ବୋଲି ସେ କହିଛନ୍ତି । ଦୁଇ ଚକିଆରେ ଉଭୟ ଗାଡି ଚାଳକ ଓ ପଛରେ ବସୁଥିବା ବ୍ୟକ୍ତି ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ । ସେହିପରି ଚାରିଚକିଆ ଯାନରେ ଡ୍ରାଇଭରଙ୍କ ସମେତ ସବୁ ଯାତ୍ରୀ ସିଟ୍ ବେଲ୍ଟ ବାନ୍ଧିବାକୁ ବାଧ୍ୟ ହେବେ । ମାର୍ଚ୍ଚ ପହିଲାରୁ ଏହି ନିୟମ ଲାଗୁ ହେବ । ଟ୍ରାଫିକ୍ ନିୟମ କୋହଳ ସମୟସୀମା ମାର୍ଚ୍ଚରେ ଶେଷ ହେବ । ଏହି ସମୟକୁ ଆଉ ବୃଦ୍ଧି କରାଯିବ ନାହିଁ । ଦ୍ରୁତ ଓ ନିଶାସକ୍ତ ଗାଡି ଚାଳକ ମାନଙ୍କ ପାଇଁ ଥିବା ନିୟମକୁ ଆହୁରି କଠୋର କରାଯିବ ।

## ଭାରତ ନିର୍ବାଚନ କମିଶନକୁ ଆଓ୍ୱାର୍ଡ ଅଫ୍ ଏକ୍ସିଲେନ୍ସି' ପୁରସ୍କାର

ଭୁବନେଶ୍ୱର, ୧୮।୧(ପି.ଏନ): ସୂଚନା, ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଜରିଆରେ 'ଭୋଟର ହେଲପ୍ ଲାଇନ' ଏବଂ ସି-ଭିଜିଲ୍ ଆପ୍‌ର ସଠିକ୍ ଉପଯୋଗ କରି ଭାରତ ନିର୍ବାଚନ କମିଶନ ଇ-ଗଭର୍ଣ୍ଣାନାନ୍ସ କ୍ଷେତ୍ରରେ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ ଦ୍ୱାରା ୨୦୧୯ ମସିହା ପାଇଁ 'ଆଓ୍ୱାର୍ଡ ଅଫ୍ ଏକ୍ସିଲେନ୍ସି' ପୁରସ୍କାର ଲାଭ କରିଛନ୍ତି ।କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ ତରଫରୁ ଭୁବନେଶ୍ୱରର କିଟ୍ ପରିସରରେ ପ୍ରଦାନ କରାଯାଇଥିବା ପୁରସ୍କାରକୁ ଭାରତ ନିର୍ବାଚନ କମିଶନଙ୍କ ତରଫରୁ ଆଇ.ସି.ଟି ଓ ସି.ଆଇ.ଏସ.ଓର ନିର୍ଦ୍ଦେଶକ ଡ. କୁଶଳ ପାଠକ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ସୁଶୀଲ୍ କୁମାର ଲୋହାନୀ ଗ୍ରହଣ କରିଥିଲେ । ସି-ଭିଜିଲ୍ ଆପ୍ ନିର୍ବାଚନ ସମୟରେ ଆଦର୍ଶ ଆଚରଣବିଧିର ଉଲଂଘନ, ଲାଂଚ କାରବାର, ମାଗଣା ଦାନ, ମଦ ବଂଟନ, ନିର୍ଦ୍ଧାରିତ ସମୟସୀମା ବାହାରେ ଡାକବାଜି ଯନ୍ତ୍ର ବଜାଇବା ଇତ୍ୟାଦି କାର୍ଯ୍ୟ ଗୁଡ଼ିକୁ ମୋବାଇଲ୍‌ରେ ଫଟୋନେବା କାର୍ଯ୍ୟରେ ସାହାଯ୍ୟ କରିଥାଏ । ଜଣେ ନାଗରିକ ଏହି ଆପ୍ ମାଧ୍ୟମରେ ନିର୍ବାଚନ ସମୟରେ କୌଣସି ଅନୈତିକ କାର୍ଯ୍ୟର ଫଟୋ ବା ଭିଡିଓ କଂଟ୍ରୋଲ୍ ରୁମ୍‌କୁ ପଠାଇବାର ୧୦୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ । ସମୁଦାୟ ୧,୭୧,୭୪୫ ଗୋଟି କେସ୍ ସି-ଭିଜିଲ୍ ଆପ୍ ଜରିଆରେ ଗ୍ରହଣ କରାଯାଇଥିବାବେଳେ ୧,୨୭,୫୬୭(୭୪%) ଗୋଟି କେସ୍ ସଠିକ୍ ଥିବା ଜଣାଯାଇଛି । ସେହିପରି ଭୋଟର ହେଲପ୍ ଲାଇନ୍ ଆପ୍ ଜରିଆରେ ସମୁଦାୟ ୨.୧୬ କୋଟି ନାଗରିକ ଗୁଗୁଲ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରି ବ୍ୟବହାର କରିଥିବା ଜଣାପଡ଼ିଛି । ଏହି ଆପ୍ ଜରିଆରେ ଭୋଟର ତାଲିକାରେ ଜଣେ ଭୋଟରଙ୍କ ନାମ ତନଖି, ପଞ୍ଜୀକରଣ, ସ୍ଥାନାନ୍ତରଣ, ସଂଶୋଧନ ଆଦି କାର୍ଯ୍ୟ କରାଯାଇପାରିବ । 'ଭୋଟର ହେଲପ୍ ଲାଇନ୍' ଏବଂ ସି-ଭିଜିଲ୍ ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେଉଛି ।

## ପିକନିକରେ ଅଘଟଣ : ୱାଟରଫଲ୍‌ରେ ଗାଧୋଉଥିବା ବେଳେ ବୁଡ଼ିଗଲେ ଦୁଇ ଇଞ୍ଜିନିୟରିଂ ଛାତ୍ର

ସମ୍ବଲପୁର, ୧୮।୧(ପି.ଏନ): ପିକନିକରେ ହେଲା କାଳ । ୱାଟରଫଲ୍ ରେ ଗାଧୋଉଥିବା ବେଳେ ଦୁଇ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଆଜି ଏଭଳି ଦୁଃଖଦ ଘଟଣା ଘଟିଯାଇଛି ଦେବଝରଣ ୱାଟରଫଲରେ । ସମ୍ବଲପୁର ଜିଲ୍ଲା ଭିସୁଟ୍ ଇଞ୍ଜିନିୟରିଂ କଲେଜର କମ୍ପ୍ୟୁଟର ସାଇନ୍ସ ବିଭାଗର ତୃତୀୟ ବର୍ଷର ଛାତ୍ରଛାତ୍ରୀ ମାନେ ଆଜି ପିକନିକ୍ କରିବା ପାଇଁ ଦେବଝରଣ ୱାଟରଫଲକୁ ଆସିଥିଲେ । ଏହାର ଅନତି ଦୂରରେ ଭୋଜିଭାତର ଆସର ଚାଲିଥିବା ବେଳେ ସେମାନଙ୍କ ମଧ୍ୟରୁ ସୌମ୍ୟରଞ୍ଜନ ବେଉରିଆ ଓ ଅଭିଜିତ ସାମଲ ୱାଟରଫଲକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ଜଣେ ବୁଡ଼ି ଯାଉଥିବା ଦେଖି ଅନ୍ୟ ଜଣେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ମଧ ବୁଡ଼ି ଯାଇଥିଲେ । ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା । ଅଗ୍ନିଶମ ବାହିନୀ ଓ ପୋଲିସ ସହାୟତାରେ ଉଭୟଙ୍କ ମୃତଦେହ ପାଣିରୁ ଉଦ୍ଧାର କରାଯାଇଛି । ମୃତ ସୌମ୍ୟରଞ୍ଜନଙ୍କ ଘର ମଧ୍ୟପ୍ରଦେଶର ଭୋପାଳରେ ହୋଇଥିବା ବେଳେ ଅଭିଜିତଙ୍କ ଘର ସମ୍ବଲପୁର ଅଂଚଳରେ ବୋଲି ଜଣାପଡିଛି । ଏହି ଖବର ପ୍ରଚାରିତ ହେବା ପରେ ଭିସୁଟର ଛାତ୍ର ମହଲରେ ଶୋକର ଛାୟା ଖେଳିଯାଇଛି ।

## କଟକରେ ଏବିଭିପିର ୪୪ତମ ରାଜ୍ୟ ଅଧିବେଶନ ଆସନ୍ତା ୩୧ରୁ

ଭୁବନେଶ୍ୱର, ୧୮।୧(ପି.ଏନ): ଭାରତର ସର୍ବବୃହତ୍ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୪୪ତମ ଓଡିଶା ରାଜ୍ୟ ଅଧିବେଶନ ଆସନ୍ତା ଜାନୁୟାରୀ ୩୧ରୁ ଫେବୃୟାରୀ ୨ ଯାଏଁ କଟକ ସ୍ଥିତ ବସୁନ୍ଧରା ପଡିଆରେ ଅନୁଷ୍ଠିତ ହେବ । ଏହି ଅଧିବେଶନରେ ରାଜ୍ୟର ସମସ୍ତ ପ୍ରମୁଖ କ୍ୟାମ୍ପସ, ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜମାନଙ୍କରୁ ୧୦୦୦ରୁ ଅଧିକ ବିଦ୍ୟାର୍ଥୀ ଓ ଅଧ୍ୟାପକ ପ୍ରତିନିଧି ଯୋଗ ଦେଇ ଓଡିଶାର ଶିକ୍ଷା କ୍ଷେତ୍ରରେ ଉପୁଜିଥିବା ସ୍ଥିତି ଓ ଓଡିଶାରେ ବଢୁଥିବା ଅନୁପ୍ରବେଶ ଭଳି ସାମାଜିକ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ଦୁଇଟି ପ୍ରସ୍ତାବ ଗୃହୀତ ହେବ । ଅଧିବେଶନରେ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ, ଆଦର୍ଶ ଓ କାର୍ଯ୍ୟପଦ୍ଧତି ଉପରେ ବରିଷ୍ଠ କାର୍ଯ୍ୟକର୍ତା ମାନଙ୍କର ଅଭିଭାଷଣ ହେବା ସହିତ ପରିଷଦର ବିଭିନ୍ନ ଆୟାମ୍, କାର୍ଯ୍ୟ ଓ ଗତିବିଧି ସଂପର୍କରେ ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା ମଧ୍ୟ ସ୍ଥାନ ପାଇବ । ଏହି ଅଧିବେଶନରେ ଶିକ୍ଷାବର୍ଷ ୨୦୨୦-୨୧ ପାଇଁ ବିଦ୍ୟାର୍ଥୀ ପରିଷଦର ନୂତନ ରାଜ୍ୟ ସଭାପତି ଓ ରାଜ୍ୟ ସମ୍ପାଦକ ଗଣତାନ୍ତ୍ରିକ ଉପାୟରେ ଚୟନିତ ହେବେ । ଏହି ୪୪ତମ ରାଜ୍ୟ ଅଧିବେଶନରୁ ବିଦ୍ୟାର୍ଥୀ ପରିଷଦର ସମସ୍ତ କାର୍ଯ୍ୟକର୍ତା ଉର୍ଜାର ସହ ନିଜ କ୍ୟାମ୍ପସକୁ ଯାଇ ନୂଆ ଭାରତ ନିର୍ମାଣର କାର୍ଯ୍ୟ ଆଗକୁ ନେବେ ବୋଲି ପରିଷଦର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ସାମ୍ବାଦିକ ସମ୍ମିଳନିରେ ବକ୍ତବ୍ୟ ରଖିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସୁଶ୍ରୀ ସୋନାଲି ବେହେରା , ରାଜ୍ୟ ସହ ସମ୍ପାଦକ ବୁଦ୍ଧଦେବ ବାଗ୍ ଓ କଟକ ମହାନଗର ସମ୍ପାଦିକା ସୁଶ୍ରୀ ରାଖୀ ନାୟକ ଉପସ୍ଥିତ ଥିଲେ ।

## ସବୁ କଳ୍ପନା-ଜଳ୍ପନାର ଅନ୍ତ : ପ୍ରଶାସନ ପକ୍ଷରୁ କମାରିଆ ବଜାର ରାସ୍ତାର ମାପଚୁପ ଆରମ୍ଭ

ଭଦ୍ରକ, ୧୮।୧(ପି.ଏନ): ଏହି ଜିଲାର ତିହିଡି ତହସିଲ ଅଧୀନ କମାରିଆ ବଜାରରୁ ଶଙ୍କରପୁରକୁ ଲମ୍ବିଥିବା ସରକାରୀ ରାସ୍ତାର ଜବରଦଖଲ ଜନିତ ବିବାଦର ଅନ୍ତ ଘଟିଛି । କାହିଁକି ନା ଏହି ରାସ୍ତାର ସରକାରୀ ଜମିକୁ ପ୍ରାୟ ୨୫ ରୁ ଉର୍ଦ୍ଧ୍ୱ ଜବରଦଖଲକାରୀ ମାଡିବସିଥିଲେ । ଯାହାକୁ ନେଇ ବିବାଦ କ୍ରମଶଃ ଉଗ୍ରରୂପ ନେଇଥିଲା । ତେବେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ପ୍ରଶାସନ ପକ୍ଷରୁ ଏହି ରାସ୍ତାର ପ୍ରାକ୍ ମାପଚୁପର ଆକଳନ କରାଯାଇଛି । ଏବଂ ତହସିଲଦାରଙ୍କ କ୍ଷେତ୍ରୀୟ ତଦନ୍ତ ପରେ ଆବଶ୍ୟକୀୟ ମୁତାବକ ସ୍ଥାନ ଉଚ୍ଛେଦ କରାଯିବ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏଠାରେ ପ୍ରକାଶ ଥାଉକି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ରାସ୍ତାର ମାପଚୁପ (ଚିହ୍ନଟ) କରାଯାଇ ସଂପୃକ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବାର ନିର୍ଦ୍ଦେଶ ହୋଇଥିଲା । କେତେକ କାରଣ ବଶତଃ ଏହା କରାଯାଇନଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ତିହିଡି ଓ ବାସୁଦେବପୁର ବ୍ଲକ୍‌କୁ ଏହି ରାସ୍ତା ସଂଯୋଗ ହୋଇଥିବାବେଳେ ଏହି ବଜାରରେ ପ୍ରାୟ ୧୨୦ ମିଟର ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଥିଲା । ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାଟି କମାରିଆ ବଜାର ଦେଇ ବାହାବଳପୁରକୁ ଯାଇଥିବାବେଳେ ଏହାର ବିକାଶ କ୍ଷେତ୍ରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ବି ବଜାର ମଧ୍ୟରେ ଥିବା ରାସ୍ତାଟି ଉପରେ କାହାର ନଜର ରହୁନଥିଲା । ଯାହାକି ରାସ୍ତା ଉପରେ ଥିବା ବେଆଇନ୍ ଅବରୋଧ ଲୋକଙ୍କର ଜବରଦଖଲ ଜନିତ କାର୍ଯ୍ୟକୁ ସ୍ପଷ୍ଟ ଇଙ୍ଗିତ କରୁଥିଲା । ଏହି ବେଆଇନ୍ ଅବରୋଧ ଯୋଗୁଁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟ କରାଯାଉ ନଥିବାର ଅଭିଯୋଗ ହୋଇଥିଲା । କୋହ୍ଲ ମୌଜାର ଖାତା ନଂ ୭୦୨ ଓ ପ୍ଲଟ୍ ନଂ ୮୬୨ ରେ ୨୮ ଡି. ସରକାରୀ ଜମି ଯାହା ରାସ୍ତା ଭାବେ ରହିଛି । ଏହି ବଜାର ରାସ୍ତାକୁ ଲାଗି ସରକାରୀ ପାଣିନାଳକୁ ଜବରଦଖଲ କରାଯାଇଥିବାବେଳେ ଏହାର ଉଚ୍ଛେଦ ଲାଗି ପ୍ରଥମେ ଜିଲାପାଳଙ୍କ ଠାରେ ଗୋପୀନାଥ ସାହୁ ଆବେଦନ କରିଥିଲେ । ଜିଲାପାଳଙ୍କ ମିଶ୍ କେଶ୍ ୪/୧୨, ତା ୨୭.୦୭.୧୨ ରିଖରେ ସରକାରୀ ଖାତା ନଂ ୮୬୫ ର ମାପଚୁପ କରାଯାଇ ଉଚ୍ଛେଦ କରିବାକୁ ତିହିଡି ତହସିଲଦାରଙ୍କୁ ନିର୍ଦ୍ଦେଶ ହୋଇଥିଲା । ପରେ ତହସିଲଦାର ଏହା ନକରିବାରୁ ଶ୍ରୀ ସାହୁ ବାଧହୋଇ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଫଳରେ ଡବ୍ଲ୍ୟୁ.ପି.ସି. (ପି.ଆଇ.ଏଲ୍) ନଂ ୫୦୫୩/୨୦୧୨ ମାମଲାରେ ଗତ ୧୧.୦୪.୧୨ ତାରିଖରେ ଶୁଣାଣି କରି ଜିଲାପାଳ ଓ ତହସିଲଦାରଙ୍କ ପକ୍ଷରୁ ଏହାର ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ହୋଇଥିଲେ ମଧ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନଥିଲା । ଶେଷରେ ନୂତନ ତହସିଲଦାର ଭାବେ ରମେଶ ଚନ୍ଦ୍ର ପଣ୍ଡା ଯୋଗଦାନ କରିବା ପରେ ସ୍ଥାନୀୟ ଅଂଚଳ ଲୋକେ ତାଙ୍କୁ ସାକ୍ଷାତ୍ କରି ତୁରନ୍ତ ମାପଚୁପ ଜରିଆରେ ଜବରଦଖଲ ଉଚ୍ଛେଦର ଦାବି କରିଥିଲେ । ଫଳରେ ତହସିଲଦାର ଶ୍ରୀ ପଣ୍ଡା ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ତଦନ୍ତ କରି ଏହି ମାପଚୁପ ଆରମ୍ଭ ପୂର୍ବକ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ସ୍ଥିର କରିବା ନିଷ୍ପତି ସାଧାରଣରେ ଆନନ୍ଦ ଖେଳାଇ ଦେଇଛି ।

## ଛାତ୍ର ଆନ୍ଦୋଳନ ପାଇଁ ବାଣିଜ୍ୟ ଅଧ୍ୟାପକ ଦାୟୀ

ଭୁବନେଶ୍ୱର, ୧୮।୧(ପି.ଏନ): ପ୍ରଥମ ବର୍ଷ ପରୀକ୍ଷା ବାଧ୍ୟତାମୂଳକ ନିଷ୍ପତିକୁ ବିରୋଧ କରି ବିଜେବି କଲେଜ ଛାତ୍ରଛାତ୍ରୀ ମାନେ ଚଳାଉଥିବା ଆନ୍ଦୋଳନ ପାଇଁ ଅଧ୍ୟାପକ ହିଁ ଦାୟୀ ବୋଲି ଅଭିଯୋଗ ଆଣିଛନ୍ତି ଖୋଦ୍ ଜୁନିୟର କଲେଜ ଅଧ୍ୟକ୍ଷ । ସେ କହିଛନ୍ତି ଯେ ବାଣିଜ୍ୟ ବିଭାଗର ଅଧ୍ୟାପକ ଛାତ୍ରଛାତ୍ରୀଙ୍କୁ ଆନ୍ଦୋଳନପାଇଁ ଉସକାଉଛନ୍ତି । ଏଥିନେଇ ଷ୍ଟାଫ୍ କାଉନସିଲ୍ ବୈଠକ ଡକାଯିବ । ବୈଠକରେ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯିବ । ଆବଶ୍ୟକ ହେଲେ ଛାତ୍ରଛାତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରୀ କରାଯିବ । ସୂଚନାଯୋଗ୍ୟ ଯେ ପ୍ରଥମ ବର୍ଷ ପରୀକ୍ଷାକୁ ବିରୋଧ କରି ଜିଛି ,ଯୁକ୍ତ ୨ ବାଣିଜ୍ୟ ଛାତ୍ରଛାତ୍ରୀ କଲେଜ ଗେଟ୍ ସମ୍ମୁଖରେ ଟାୟାର ଜାଳି ଆନ୍ଦୋଳନ କରିଥିଲେ ।









# ଟି ଟାଇମ୍

## ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।



ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି। ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ। ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ। ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ। ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ। ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

## ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୬ ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା




ଭୁବନେଶ୍ୱର: ଆଜି ଭୁବନେଶ୍ୱରର ରେଡକ୍ରସ୍ ଭବନଠାରେ ଫୋକସ୍ ଓଡିଶା ଫାଉଣ୍ଡେସନ୍,ପିପୁଲସ୍ ଆକ୍ସନ୍ ଫର୍ କ୍ଲାଇମେଂଟ୍ ଜଷ୍ଟିସ୍ (ପି.ଏ.ସି.ଜେ) ଓ ଇଣ୍ଡିଆ ସସ୍‌ଷ୍ଟେନେବୁଲ୍ ଡେଭେଲପମେଂଟ୍ ଗୋଲ୍ସ ଫୋରମ୍ ଓ ସ୍ୱାତି, ଫୁଲବାଣୀ, ନିର୍ମାଣ , ଭୁବନେଶ୍ୱର, ପି.ଜେ.ଏସ୍, ଭଦ୍ରକ ଏବଂ ଓ୍ୱାଇ.ଏସ୍.ସି,ବଲାଙ୍ଗୀର ଆଦି ସଙ୍ଗଠନର ମିଳିତ ଆନୁକୂଲ୍ୟରେ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୬ ଓ ଜଳବାୟୁ ପରିବର୍ତ୍ତନର ଅନୁକୂଳନ ଏବଂ ବିପତିର ବିପଦ ହ୍ରାସକରଣ ଶୀର୍ଷକ ଏକ କର୍ମଶାଳା ଫୋକସ୍ ଓଡିଶା ଫାଉଣ୍ଡେସନ୍‌ର ସମ୍ପାଦିକା ଶ୍ରୀମତୀ ତଫାହିମା ଅଖତାର୍‌ଙ୍କ ଅକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଫୋକସ୍ ଓଡିଶା ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ତଥା ପି.ଏ.ସି.ଜେର ଆବାହକ ସୁଦର୍ଶନ ଛୋଟରାୟ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ଆବାହକ ଶ୍ରୀ ଛୋଟରାୟ କର୍ମଶାଳାର ଲକ୍ଷ୍ୟ ବିଷୟରେ କହିଥିଲେ ଯେ, ଆମେ ଚାହୁଁଥିବା ଭବିଷ୍ୟତ ଓ ଜନମାନସର ସାମଗ୍ରିକ ଉନ୍ନତି ପାଇଁ ଭାଗିଦାରୀ ଆଧାରରେ ସହସ୍ରାବ୍ଦ ବିକାଶ ଲକ୍ଷ୍ୟର ବିଭିନ୍ନ ସଂଳତାକୁ ପାଥେୟ କରି ବିଶ୍ୱଶାନ୍ତି ବଜାୟ ରଖିବାରେ ଜାତିସଂଘ ଦ୍ୱାରା ବିଶ୍ୱର ୧୯୩ଟି ଦେଶ ପାଇଁ ୧୭ଟି ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୬ ମସିହା ମଧ୍ୟରେ ପୂରଣ କରାଯିବାକୁ ଧାର୍ଯ୍ୟ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି ଲକ୍ଷ୍ୟ ଧାର୍ଯ୍ୟରେ ଶିଶୁମାନଙ୍କର ସହଭାଗୀତାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଆମ ଦେଶ ଭାରତରେ ଶିଶୁମାନେ କିପରି ଏହି ଲକ୍ଷ୍ୟ ପୂରଣରେ ସହାୟକ ହୋଇପାରିବେ, ସେଥିପାଇଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯିବା ସହ ସେମାନଙ୍କର ଯୋଗଦାନକୁ ନିଶ୍ଚିତ କରାଯାଇଛି। ଉକ୍ତ କର୍ମଶାଳାରେ ଓଡିଶା ସରକାରଙ୍କ ପକ୍କାଘର ନିର୍ମାଣ ଶ୍ରମିକ ବୋର୍ଡର ଅଧକ୍ଷ ସୁବାସ ସିଂ, ଓଡିଶା ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗର ଉପଦେଷ୍ଟା ସୁଲତା ଦେଓ, ଓଡିଶା ସରକାରଙ୍କ ଅତିରିକ୍ତ ସଚିବ ଅର୍ଥ ବିଭାଗର ଅଧକ୍ଷ ପ୍ରଦୀପ କୁମାର ବିଶ୍ୱାଳ, ଆଇ.ଏ.ଏସ୍, ପଶ୍ଚିମବଙ୍ଗର ଆନନ୍ଦ ବଜାର ପତ୍ରିକାର ବୈଜ୍ଞାନିକ ତଥା ସାମ୍ବାଦିକା ସୁପ୍ରତିମା କରମାକର, ଅଧିକାରର ସଭାପତି ମହମ୍ମଦ ଏନ୍.ଆମିନ୍, ଟାଟା ସି.ଏସ୍ .ଆର୍‌ର ରାଜ୍ୟ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ୟୁ.ଏନ୍.ଡି.ପିର ରାଜ୍ୟ ପ୍ରତିନିଧି ଆଭା ମିଶ୍ର ଓ ଆର୍.ସି.ଡି.ସି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଦାଶ ପ୍ରମୁଖ ଉଦ୍‌ଘାଟନ ଉତ୍ସବରେ ଅତିଥିଭାବେ ଯୋଗ ଦେଇ କର୍ମଶାଳାକୁ ଉଦ୍‌ଘାଟନ କରିବା ସହ ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଉଦ୍‌ଘାଟନ ଉତ୍ସବକୁ ସ୍ୱାତି ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ୍ ପରିଚାଳନା କରିଥିଲେ। ଏହି ଅବସରରେ ଏଠାରେ ଉପସ୍ଥିତ ଥିବା ବିଭିନ୍ନ ଅନୁଷ୍ଠାନ କର୍ମଶାଳାର ଲକ୍ଷ୍ୟ ଆଧାରିତ ନିର୍ଦ୍ଧିଷ୍ଟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଏହି ପରପ୍ରେକ୍ଷୀରେ ଓଡିଶା ଆର୍.ଟି.ଇ ଫୋରମ୍ ତଥା ଶିକ୍ଷା ସନ୍ଧାନ ତରଫରୁ ଅନିଲ୍ ପ୍ରଧାନ ଶିକ୍ଷା ବିଷୟରେ ଆଲୋଚନା କରିଥିବା ବେଳେ ଜନସ୍ୱାସ୍ଥ୍ୟ ଅଭିଯାନ ପକ୍ଷରୁ ଗୌରାଙ୍ଗ ମହାପାତ୍ର ସ୍ୱାସ୍ଥ୍ୟ ବିଷୟରେ କହିଥିଲେ। ଠିକ୍ ସେହିପରି ଭାବେ ଧୀରେନ୍ଦ୍ର ପଣ୍ଡା ଶାନ୍ତି ଓ ନ୍ୟାୟ ବିଷୟରେ ନିଜର ବକ୍ତବ୍ୟ ରଖିଥିବା ବେଳେ ନିର୍ମାଣ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ମହାନ୍ତି ଜମିର ଉପଯୁକ୍ତ ବ୍ୟବହାର ଓ ଚାଷ ବିଷୟରେ କହିଥିଲେ। ସେହିପରି ଭାବେ ରାଷ୍ଟ୍ରୀୟ ଗ୍ରୀନ୍ ଟ୍ରିବୁନାଲ୍‌ର ଓକିଲ ଶଙ୍କର ପାଣି ଓ ସହଭାଗି ବିକାଶ ମଂଚର ସଚିକାନ୍ତ ପ୍ରଧାନ ସହରାଚଂଳର ସମସ୍ୟା ଯେପରି ସହର ଓ ଜନବସତିର ନିରାପତା ଏବଂ ନିରନ୍ତର ବିକାଶ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କର୍ମଶାଳାରେ ଓଡିଶା ଟ୍ରାଡିସ୍‌ନାଲ୍ ଫିସ୍ ଓ୍ୱାର୍କସ୍ ୟୁନିଅନ୍‌ର ସଭାପତି ଉପକୂଳବର୍ତୀ ଅଂଚଳରେ ରହୁଥିବା ଗୋଷ୍ଠୀଙ୍କ ସମସ୍ୟା ଓ ସେମାନଙ୍କ ଜୀବନ ସହ ସମୁଦ୍ର କିପରି ଜଡିତ, ସେ ବିଷୟରେ ଆଲୋଚନା କରିଥିବା ବେଳେ ରାଜ୍ୟ ମହିଳା ଆୟୋଗର ପୂର୍ବତନ ସଦସ୍ୟା ସ୍ନିଗ୍‌ଧା ପାଣିଗ୍ରାହୀ ମହିଳାମାନଙ୍କ ସମସ୍ୟା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏତଦ୍ ବ୍ୟତୀତ ସି.ଏଫ୍.ଏ.ଆର୍ ପକ୍ଷରୁ ସମୀର ରଞ୍ଜନ ଦାସ ଜଳ ଓ ପରିମଳ ଏବଂ ରୋଜାଲିନ୍ ପଟ୍ଟନାୟକ ସମାନତା ବିଷୟରେ କହିଥିବା ବେଳେ ଅରୁଣାର ଲୋକନାଥ ମିଶ୍ର ନିଜର ରୁଚିସମ୍ପନ୍ନ କାର୍ଯ୍ୟ ଦେଶାନ୍ତରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧି ବିଷୟରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଅଙ୍କୁର ଫାଉଣ୍ଡେସନ୍ ପକ୍ଷରୁ ଚିନ୍ମୟୀ ପଣ୍ଡା ପିଲାମାନଙ୍କ ସମ୍ପର୍କରେ ନିଜର ଅଭିମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ନେହ ଅନୁଷ୍ଠାନର ସୁବାସ ପଣ୍ଡା ପରିଚାଳନା କରିଥିଲେ। ଅପରାହ୍ନ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନେ ନିଜ ନିଜ ଗୋଷ୍ଠୀ ସମସ୍ୟାଗୁଡିକ ଉପସ୍ଥାପନ କରିଥିଲେ ଓ ଏହାକୁ ଆକ୍ସନ ଏଡ୍‌ର ବି.ଏନ୍.ଦୂର୍ଗା ପରିଚାଳନା କରିଥିଲେ। ସ୍ୱାଦ ଅନୁଷ୍ଠାନର ବୀଣାପାଣି ମିଶ୍ରଙ୍କ ଅକ୍ଷତାରେ କର୍ମଶାଳାର ଶେଷ ବିଭାଗର କାର୍ଯ୍ୟକ୍ରମ ଯଥା ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ପାଇଁ ବିଭିନ୍ନ ରଣକୌଶଳ ପ୍ରସ୍ତୁତ କରିବା ଏବଂ ସମସ୍ତ ଅନୁଷ୍ଠାନର ସହଭାଗୀତାରେ ଜିଲ୍ଲାସ୍ତରୀୟ ସମ୍ମିଳନୀ କରିବା ଇତ୍ୟାଦି କାର୍ଯ୍ୟକ୍ରମମାନ ଓଡିଶାରେ ଆୟୋଜନ କରିବାକୁ ନିଷ୍ପତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଅଂଶଗ୍ରହଣକାରୀ ମାନେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଦେଇଥିଲେ। ତାହା ହେଉଛି- ଶିଶୁମାନଙ୍କ ଦୃଷ୍ଟିକୋଣକୁ ସଠିକ୍ ରୂପେ ବୁଝି ଉନ୍ନୟନ କାର୍ଯ୍ୟକୁ ପରିଚାଳନା କରିବା ଦ୍ୱାରା ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଆମେ ସକ୍ଷମ ହୋଇପାରିବା। ଉକ୍ତ କର୍ମଶାଳାରେ ନିରନ୍ତର ବିକାଶ ଲକ୍ଷ୍ୟମାନ ଆଲୋଚିତ ହୋଇଥିଲା। ସେଗୁଡିକ ହେଉଛି- ବିଶ୍ୱରେ ସମସ୍ତ ପ୍ରକାର ଦାରିଦ୍ର୍ୟତାର ଅବସାନ,ଖାଦ୍ୟସୁରକ୍ଷା ଏବଂ ଉନ୍ନତ ପୋଷଣ ମାଧ୍ୟମରେ ଜଣେ କେହିବି ଭୋକିଲା ରହିବେ ନାହିଁ ଏବଂ କୃଷିର ନିରନ୍ତର ବିକାଶ, ସମସ୍ତଙ୍କ ପାଇଁ ଓ ସବୁ ବୟସର ଲୋକମାନଙ୍କୁ ଉତମ ସ୍ୱାସ୍ଥ୍ୟ ଯୋଗାଇ ଦେବା, ସମସ୍ତଙ୍କ ପାଇଁ ସାର୍ବଜନୀନ ଶିକ୍ଷା ଯୋଗାଇଦେବା, ମହିଳା ଓ ଝିଅମାନଙ୍କର ସଶକ୍ତିକରଣ ଓ ଲିଙ୍ଗ ସମାନତା, ସମସ୍ତଙ୍କ ପାଇଁ ଜଳ ଓ ପରିମଳର ଉପଲବ୍ଧତା ଓ ଏହାର ସଫଳ ପରିଚାଳନା, ସମସ୍ତଙ୍କ ପାଇଁ ଉନ୍ନତ, ନିରନ୍ତର, ଭରସାଯୋଗ୍ୟ ଏବଂ ଅକ୍ଷୟ ଉର୍ଜାର ଉପଲବ୍ଧତା, ସମସ୍ତଙ୍କ ପାଇଁ ଅର୍ଥନୈତିକ ଅଭିବୃଦ୍ଧି ଓ ସମ୍ପୂର୍ଣ୍ଣ ନିଯୁକ୍ତିର ପ୍ରବନ୍ଧନ, ଶିଳ୍ପକ୍ଷେତ୍ରରେ ନୂତନତ୍ୱ ସହ ନିରନ୍ତର ବିକାଶ,ଦେଶ ଭିତରେ ଏବଂ ଦେଶ ଦେଶ ମଧ୍ୟରେ ଅସମାନତାର ହ୍ରାସ, ଉତ୍ପାଦନ ଓ ବିନିଯୋଗର ସଠିକ୍ ପରିଚାଳନା, ଜଳବାୟୁ ଜନିତ ପରିବର୍ତନ ଓ ଏହାର ପ୍ରଭାବ ହ୍ରାସ ଦିଗରେ ତୁରନ୍ତ ପଦକ୍ଷେପ, ଜଳଯ ସମ୍ବଳର ସଂରକ୍ଷଣ ଓ ସଠିକ୍ ବ୍ୟବହାର, ଇକୋ ସିଷ୍ଟମର ସଠିକ୍ ବ୍ୟବହାର, ଶାନ୍ତିପୂର୍ଣ୍ଣ ସହବସ୍ଥାନ,ସମସ୍ତଙ୍କୁ ନ୍ୟାୟ ଏବଂ ଫଳପ୍ରଦ ଓ ଉତରଦାୟୀ ସଙ୍ଗଠନର ନିର୍ମାଣ ଏବଂ ଶେଷରେ ବିଭିନ୍ନ ରୂପାୟନକୁ ସୁଦୃଢ କରିବା ସହ ବିଶ୍ୱ ସହଭାଗୀତାକୁ ଶକ୍ତିଶାଳୀ କରିବା। ଏହି କର୍ମଶାଳାକୁ ଗ୍ରାମୋଉତ୍‌ଥାନ୍‌ର ପ୍ରଦୀପ କୁମାର ପ୍ରଧାନ ନିର୍ଯ୍ୟାଶ ବାହାର କରି ଶେଷ କରିଥିବା ବେଳେ ଫୋକସ୍ ଓଡିଶା ଫାଉଣ୍ଡେସନ୍‌ର ତଫାହିମା ଅଖତାର୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ। କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି।




# ରାଜ୍ୟସଭା ପାଇଁ ନବୀନଙ୍କ ଅଗ୍ନି ପରୀକ୍ଷା



ମୁଣ୍ଡ ଉପରେ ମାର୍ଚ୍ଚରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟସଭା ମହାଲଢ଼େଇ ତେବେ ରୋଚକ ଓ ଚର୍ଚ୍ଚିତ ପ୍ରସଙ୍ଗ ହେଉଛି ଏହା ଯେ ଏହି ମହାଲଢ଼େଇରେ ବହୁତ ବଡ଼ ରାଜନୈତିକ ପରୀକ୍ଷାକୁ ସାମ୍ନା କରିବେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ। ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଏହି ନିର୍ବାଚନକୁ ନେଇ ବିଭିନ୍ନ ଦଳର ଅଙ୍କ କଷୁଛି। ଯାହାକୁ ନେଇ ରାଜନୈତିକ ସମୀକ୍ଷକମାନେ ମଧ୍ୟ ଭିନ୍ନ ଭିନ୍ନ ଚିନ୍ତାରେ ରହୁଛନ୍ତି। ଓଡ଼ିଶାରେ ନିରଙ୍କୁଶ ସଂଖ୍ୟାଗରିଷ୍ଠ ଦଳ ହେଉଛି ବିଜେଡ଼ି। ତୃଣମୂଳ ସ୍ତରରୁ ଦଳକୁ ସଂଗଠିତ କରି ଅନେକ ଲୋକପ୍ରିୟ ଯୋଜନା ମାଧ୍ୟମରେ ଏହି ଦଳ ରେକର୍ଡ଼ ସଂଖ୍ୟକ ଭୋଟ ପାଇ ଆଗେଇ ଚାଲିଛି। ଅନେକ ଜନପ୍ରିୟ ଓ ଲୋକହିତକାରୀ କାର୍ଯ୍ୟକ୍ରମ ବିଜେଡ଼ିର ବଡ଼ ଭୋଟ ପୁଞ୍ଜି। ପାଟକୁରାରେ କଡ଼ା ଚ୍ୟାଲେଞ୍ଜକୁ ସାମ୍ନା କରି ବିଜେଡ଼ି ଜିତିଥିବାବେଳେ ବିଜେପୁର ଉପନିର୍ବାଚନ ସମ୍ପୂର୍ଣ୍ଣ ଏକପାଖିଆ ଥିଲା। ଆସନ୍ତା ମାର୍ଚ୍ଚରେ ଚାରଟି ରାଜ୍ୟସଭା ଆସନ ଖାଲି ପଡୁଛି। ଏଥିରୁ ତିନୋଟି ଅଛି ବିଜେଡ଼ି ହାତରେ। ଅନୁଭବ ମହାନ୍ତି, ନରେନ୍ଦ୍ର ସ୍ୱାଇଁ, ସରୋଜିନୀ ହେମ୍ବ୍ରମ ଓ କଂଗ୍ରେସର ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ସରୁଛି। ବିଜେଡ଼ି ହାତରେ ଯେତିକ ବିଧାୟକଙ୍କ ସଂଖ୍ୟା ଗଣିତ ରହିଛି ତିନିଜଣ ପ୍ରାର୍ଥୀଙ୍କୁ ଦଳ ନିର୍ଦ୍ୱୋନ୍ଦ୍ୱରେ ରାଜ୍ୟସଭା ପଠାଇପାରିବ। ରାଜ୍ୟସଭା ନିର୍ବାଚନ ଜିତିବା ପାଇଁ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ୩୦.୪ ଭୋଟ ପାଇବାକୁ ଦରକାର ପଡୁଥିବାବେଳେ ଚତୁର୍ଥ ଆସନ ପାଇଁ ବିଜେଡ଼ି ହାତରେ ୨୨ଟି ଭୋଟ ବଳୁଛି ତେଣୁ ଆଉ ୯ଟି ଭୋଟ ଯୋଗାଡ଼ କରିପାରିଲେ ଚତୁର୍ଥ ଆସନଟି ମଧ୍ୟ ବିଜେଡ଼ି ଖାତାକୁ ଯାଇପାରିବ। ତେବେ ଏହି ୯ଟି ସଂଖ୍ୟା କଂଗ୍ରେସ ହାତରେ ରହିଛି। ଗତ ରାଜ୍ୟସଭା ନିର୍ବାଚନରେ ଭେଟେରାନ ଗଣମାଧ୍ୟମ ବ୍ୟକ୍ତିତ୍ୱ ସୌମ୍ୟବାବୁ ଓ ଅଚ୍ୟୁତ ସାମନ୍ତଙ୍କୁ ନବୀନ ବାବୁ ସମସ୍ତଙ୍କୁ ଚମକାଇ ରାଜ୍ୟସଭା ପ୍ରାର୍ଥୀ କରି ଜିତାଇଥିଲେ। ଏବେ ଛଅ ବର୍ଷିଆ ରାଜ୍ୟସଭା ଟର୍ମ ପାଇଁ ଯେଉଁ ଚାରୋଟି ଆସନ ସକାଶେ ଭୋଟ ହେବ ତାହା ପାଇଁ କିନ୍ତୁ ବିଜେଡ଼ିର ଆଶାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲୁଛି। ଓଡ଼ିଶାରେ ବିଧାନ ପରିଷଦ ପାଇଁ କେନ୍ଦ୍ରର ମୋଦି ସରକାରଙ୍କ ଠାରୁ ବଡ଼ ନିର୍ଭରଯୋଗ୍ୟ ସହଯୋଗର ପ୍ରତିଶ୍ରୁତି ପାଇଲେ ନବୀନ ବାବୁଙ୍କ ପାଇଁ ଆଉ ସମସ୍ୟା ରହିବ ନାହିଁ। କେନ୍ଦ୍ରର ମୋଦି ସରକାର ଓ ଓଡ଼ିଶାରେ ବିଜେଡ଼ି ସରକାରଙ୍କ ସୁସମ୍ପର୍କ ରହିଛି ବୋଲି ଖବର ପ୍ରକାଶ ପାଉଛି। କୁହାଯାଉଛି ବିଜେଡ଼ି ସୁପ୍ରିମୋ କେନ୍ଦ୍ର ସରକାରଙ୍କୁ ଅନେକ କ୍ଷେତ୍ରରେ ନିର୍ଭରଯୋଗ୍ୟ ସମର୍ଥନ ଦେଉଥିବାରୁ ନବୀନ ବାବୁଙ୍କ ଚାପ ଆଗରେ ମୋଦି ସରକାର ହଁ ଭରିବେ କି?

ଗତ ଉପନିର୍ବାଚନରେ ବିଜେଡ଼ି ସସ୍ମିତ ପାତ୍ର ଓ ଅମର ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା। ତୃତୀୟ ଆସନଟି ବିଜେପିକୁ ଛାଡ଼ି ଦେଇଥିଲା ଯାହାଦ୍ୱାରା ଭାଜପାର ଅଶ୍ୱୀନ ବୈଷ୍ଣବ ରାଜ୍ୟସଭାକୁ ଯାଇପାରିଲେ। କେନ୍ଦ୍ରରେ ଶକ୍ତିଶାଳୀ ମୋଦି ସରକାର ଅନେକ ଜନହିତକାରୀ ଓ ଦେଶର ମଙ୍ଗଳ ପାଇଁ ନୂଆ ନୂଆ ବିଧେୟକ ହାତକୁ ନେଉଥିବାବେଳେ ଏ କ୍ଷେତ୍ରରେ ବାଧକ ସାଜୁଛି ରାଜ୍ୟସଭାର ଗଣିତ। ରାଜ୍ୟସଭା ଦଳର ସଂଖ୍ୟାଗରିଷ୍ଠତା କମ୍ ରହୁଥିବାରୁ ଦଳ ଅନେକ ସମୟରେ ଅନ୍ୟ ଆଞ୍ଚଳିକ ଦଳ ଉପରେ ନିର୍ଭର କରୁଛି। ତେଣୁ କୁହାଯାଉଛି ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟସଭାରେ ଭାଜପାର ସଂଖ୍ୟାଗରିଷ୍ଠତାକୁ ଅପେକ୍ଷା କରିବା ସହ ଏହା ଉପରେ ବଡ଼ ଦୃଷ୍ଟି ରଖିଛନ୍ତି। ବର୍ଷ ବର୍ଷ ଧରି ନିର୍ଭରଯୋଗ୍ୟ ମେଣ୍ଟ ସହଯୋଗୀ ଶିବସେନା ବିଜେପି ଗଠବନ୍ଧନରୁ ବାହାରିଯିବା ପରେ ବିହାରର ଜେଡ଼ିୟୁର ମତିଗତି ମଧ୍ୟ ନିର୍ଭରଯୋଗ୍ୟ ନୁହେଁ। ତେଣୁ ମୋଦି-ଶାହା ଯୋଡ଼ି ରାଜ୍ୟସଭା ଗଣିତକୁ ବଡ଼ ଗୁରୁତ୍ୱ ଦେଉଛନ୍ତି। ତେଣୁ କୁହାଯାଉଛି ଆସନ୍ତା ନଭେମ୍ବର ବେଳକୁ ମୋଦିଙ୍କ ଆଶା ପୂରଣ ହୋଇପାରେ। ବିଭିନ୍ନ ରାଜ୍ୟରେ କଂଗ୍ରେସର ସାଂସଦମାନେ ରାଜ୍ୟସଭାରୁ ଅବସର ନେବା ପରେ ନୂଆ ଗଣିତରେ ବିଜେପି ଓ ଏହାର ସମର୍ଥକ ସହାୟକ ଦଳ ମାନଙ୍କ ଭୋଟରେ ରାଜ୍ୟସଭାରେ ଦଳ ସଂଖ୍ୟାଗରିଷ୍ଠତା ପାଇଯିବ। ତେଣୁ ବର୍ତ୍ତମାନ ସମୟରେ ମୋଦି-ଶାହା ଯୋଡ଼ି ଗୋଟିଏ ରାଜ୍ୟସଭା ସିଟକୁ ବି ଅତ୍ୟନ୍ତ ଗୁରୁତର ସହ ଚିନ୍ତା କରୁଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତ ଗତ ଜୁନ୍ ରାଜ୍ୟସଭା ଉପନିର୍ବାଚନରେ କେନ୍ଦ୍ରର ମୋଦି ସରକାର ଓଡ଼ିଶାରୁ ଗୋଟିଏ ବିଜେପି ରାଜ୍ୟସଭା ସିଟ ଯେପରି ନେଇପାରିଲେ ତେଣୁ ଏହା ଆଗାମୀ ନିର୍ବାଚନରେ ରିପିଟ୍ ହୋଇପାରେ। ଓଡ଼ିଶାରୁ ବିଜେଡ଼ିର ସମର୍ଥନରେ ଆଉ ଗୋଟିଏ ଆସନ ହାସଲ କରିବା ପାଇଁ କେନ୍ଦ୍ର ବିଜେପିର ଚତୁର ରଣନୀତି ଓ କୂଟନୀତି ରହିଛି। ଏବେ ଓଡ଼ିଶାର ଅନେକ ବିକାଶ ଓ ଯୋଜନାମୂଳକ କାର୍ଯ୍ୟକ୍ରମରେ କେନ୍ଦ୍ରର ମୋଦି ସରକାର ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦେଉଛନ୍ତି। କୁହାଯାଉଛି ମୋଦି-ଶାହାଙ୍କ ଚାପ ଓ କେନ୍ଦ୍ର ରାଜ୍ୟ ସୁସମ୍ପର୍କ ଆଗରେ ବିଜେଡ଼ି ସୁପ୍ରିମୋ ମୁଣ୍ଡ ନୁଆଁଇ ପାରନ୍ତି। ଜାମ୍ମୁରେ ୩୭୦ଧାରା ଓ ଜନଗଣନା ପଞ୍ଜିକା ପରି ବିଜେପିର ବଡ଼ ବଡ଼ ଘୋଷଣା ଓ କାର୍ଯ୍ୟକ୍ରମରେ ନବୀନ ବାବୁଙ୍କ ବିଜେଡ଼ି ସମର୍ଥନ ଦେଇଛି। କହିବାକୁଗଲେ ବିଜେଡ଼ି ବିଜେପିର ରାଷ୍ଟ୍ରୀୟ ପ୍ରସଙ୍ଗରେ ସମର୍ଥନ କରିବାକୁ ଯେଉଁ ନିଷ୍ପତ୍ତି ନେଇଛି ତାହା ଅତ୍ୟନ୍ତ ପ୍ରାସଙ୍ଗିକ। ରାଜନୀତି, ଦଳ ଓ ବ୍ୟକ୍ତିଗତ ପ୍ରସଙ୍ଗକୁ ଉର୍ଦ୍ଧ୍ୱରେ ରଖି ଦେଶର ସ୍ୱାର୍ଥ ଓ ରାଜ୍ୟର ହିତ ପାଇଁ ଯାହା ଯଥାର୍ଥ ଓ ଗୁରୁତ୍ୱପୂର୍ଣ୍ଣ ଏହାକୁ ଏହି ଦୁଇଦଳ ବିଶ୍ୱାସ ଓ ସମର୍ଥନ କରୁଛନ୍ତି। ରାଜନୈତିକ ମତଭେଦ ରହିପାରେ କିନ୍ତୁ ରାଜ୍ୟ ଓ ରାଷ୍ଟ୍ରର ସ୍ୱାର୍ଥ ସାଧନରେ ବିରୋଧୀ ମତ ଓ ଭାବନା ରହିଲେ ମଧ୍ୟ ପ୍ରଜାମଙ୍ଗଳ ଓ ରାଷ୍ଟ୍ରମଙ୍ଗଳ ଚିନ୍ତନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ରାଜ୍ୟସଭା ନିର୍ବାଚନ ନିଶ୍ଚିନ୍ତ ଭାବେ ବିଜେଡ଼ି ପାଇଁ ବଡ଼ ଅଗ୍ନି ପରୀକ୍ଷା ସଦୃଶ। ତେବେ ସମଗ୍ର ଭାରତରେ ରାଜନୈତିକ ଗୋଟିଚାଳନାରେ ଓ ଏକ ଶକ୍ତିଶାଳୀ ପ୍ରଭାବୀ ଆଞ୍ଚଳିକ ଦଳ ଗଠନରେ ନବୀନବାବୁ ଯେଉଁ ରଣନୀତିକାର ଭାବେ ପ୍ରତିଷ୍ଠା ପାଇଛନ୍ତି, ତାହା ଏହି ନିର୍ବାଚନରେ ତାଙ୍କୁ ନିଶ୍ଚୟ ବିଜୟୀ କରିବ।

**ଡାକ୍ତର ନୀଳମାଧବ ପୃଷ୍ଟି,**
**ପାଣିକୋଇଲି, ଯାଜପୁର, ଦୂରଭାଷ: ୯୪୩୯୪୮୨୫୨୬**

# ମହିଳାମାନଙ୍କ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ

କେନ୍ଦୁଝର (ପିଏନ୍): ଆଇନ ସମ୍ପର୍କରେ ସଚେତନ ହେଲେ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା, ଅତ୍ୟାଚାର, ଦୁଷ୍କର୍ମ ବିରୋଧରେ ମହିଳାମାନେ ସ୍ୱର ଉତୋଳନ କରିପାରିବେ। ଏହି ଆଭିମୁଖ୍ୟ ରଖି ଓଡିଶା ରାଜ୍ୟ ମହିଳା ଆୟୋଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଓଡିଶା ସରକାର ତଥା କେନ୍ଦୁଝର ଜିଲ୍ଲା ପ୍ରଶାସନ ସହଯୋଗରେ ଗତ ଡିସେମ୍ବର ୧୦ତାରିଖ ଦିନ ସ୍ଥାନୀୟ ନଗର ଭବନ ଠାରେ ପାଳିତ ହୋଇଯାଇଛି ମହିଳା ଆଇନ୍ ସଚେତନତା କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅତିଥି ଓ ବକ୍ତାମାନେ ମହିଳା ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ସଚେତନ ବାର୍ତାକୁ ସୁଦୂର ପ୍ରସାରୀ କରିବା ନିମନ୍ତ୍ ଏନୁରୋଧ କରିବା ସହ ସମାଜର ପ୍ରତ୍ୟେକ ବର୍ଗର ପ୍ରତ୍ୟେକ ପୁରୁଷ ଓ ମହିଳାଙ୍କର ସହଯୋଗ କାମନା କରିଥିଲେ। ଆୟୋଗର ଅଧ୍ୟକ୍ଷା ଡଃ ମିନତୀ ବେହେରା ମହିଳା ମାନଙ୍କ ପାଇଁ ଏହି ସଚେତନ ଶିବିର ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏତଦ୍ ବ୍ୟତୀତ ମହିଳା ମାନଙ୍କର ଆଇନଗତ ଅଧିକାର ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ଏତଦ୍ ବ୍ୟତୀତ ପାରିବାରିକ ହିଂସା, ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ବନ୍ଧୀତ ମାମଲା ଗୁଡିକର କିପରି ଆପୋଷ ବୁଝାମଣାରେ ସମାଧାନ ହୋଇପାରିବ ତା ଉପରେ ମ୍ଯ ବିହଙ୍ଗାବଲୋକନ କରିଥିଲେ। ପାଟଣା ବିଧାୟକ ଜଗନ୍ନାଥ ନାଏକ ପାରିପାରିକ ସମ୍ପର୍କ ଉପରେ ମଦ୍ୟପାନର କୁପ୍ରଭାବ ତଥା ମଦ ବିରୋଧି ଅଭିଯାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଭୂମିକା ସମ୍ପର୍କରେ ଅବତାରଣା କରିଥିଲେ। ଚମ୍ପୁଆ ବିଧାୟୀକା ଶ୍ରୀମତୀ ମିନାକ୍ଷୀ ମହାନ୍ତ ନିଜ ବକ୍ତବ୍ୟରେ ସମ୍ବିଧାନରେ ମହିଳା ମାନଙ୍କର ଅଧିକାର ସମ୍ପର୍କରେ ବୁଝାଇ ଥିଲେ। ଜିଲ୍ଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଅଧୁନା ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଆଇନ ବ୍ୟବସ୍ଥାରେ ସେଗୁଡିକର ପ୍ରତିକାର ସମ୍ପର୍କରେ ବୁଝାଇଥିଲେ। ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର ବିପଦରେ ପଡିଥିବା ମହିଳା ଓ ଶିଶୁ ମାନଙ୍କ ପାଇଁ ପୋଲିସ ବିଭାଗ ଦ୍ୱାରା ଖୋଲା ଯାଇଥିବା ଶିଶୁ ଓ ମହିଳା ଡେସ୍କର କାର୍ଯ୍ୟକାରିତା ଟୋଲ ଫ୍ରି ନଂ ୧୮୧ର ବ୍ୟବହାର ସମ୍ପର୍କରେ ସୂଚାଇ ଥିଲେ। ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ ଏହି ଶିବିରରେ ହେଉଥିବା ହେଉଥିବା ହିଂସା ଆଚରଣ ଏବଂ ଏହାର ନିରାକରଣ ନିମନ୍ତେ ଥିବା ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ମହିଳା ଆୟୋଜ ସଦସ୍ୟା ସ୍ନେହାଞ୍ଜଳୀ ମହାନ୍ତି କର୍ମସ୍ଥଳୀରେ ମହିଳା ମାନଙ୍କ ଉପରେ ଯୌନ ନିର୍ଯ୍ୟାତନା, ଘରୋଇ ହିଂସା ସମ୍ପର୍କିତ ଆଇନ୍ ସମ୍ବନ୍ଧରେ ବିଶେଷ ଭାବେ ଅବଗତ କରାଇଥିଲେ। ଆୟୋଗର ଅନ୍ୟତମ ସଦସ୍ୟା ଆରତୀ ସିଂହ ମହିଳା ମାନଙ୍କ ଉପରେ ହେଉଥିବା ହିଂସା ଏବଂ ଏହା ବିରୋଧରେ ସରକାରଙ୍କର ଆଭିମୁଖ୍ୟ ଓ କ୍ରୀୟାଶିଳତା ସମ୍ପର୍କରେ ସଚେତନତା କରାଇଥିବା ବେଳେ ଆୟୋଗର ପରାମର୍ଶଦାତା ଡକ୍ଟର ମମତା ଦାଶ ସାଇବର କ୍ରାଇମ୍, ଯୁବତୀ ଚାଲାଣ ସ୍ୱର୍ଷକାତର ପ୍ରସଙ୍ଗରେ ଆଲୋଚନା କରି ଏହା ବିରୋଧରେ ଆଇନ୍‌ରେ ଥିବା ବିଧିବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ। ଆୟୋଗର ଲିଗାଲ ଅଫିସର ବିଜୟ ବରୁଆ ମହିଳା ମାନଙ୍କ ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମାନସୀ ରଥ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତା, ସିଡିପିଓ, ସୁପରଭାଇଜର, ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ସିଡ଼ିପିଓଙ୍କୁ ଶୁଭେଚ୍ଛା ପ୍ରଦାନ

କେନ୍ଦୁଝର (ପିଏନ୍): ହାଟଡିହି ବ୍ଲକର ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ନୂତନ ସିଡ଼ିପିଓ ସରସ୍ୱତୀ ସେଠୀଙ୍କୁ ସଂଘର ସଭାପତି କନକଲତା ସାମଲ, ସମ୍ପାଦିକା କନକଲତା ଜେନା, କୋଷାଧକ୍ଷ ସତ୍ୟଭାମା ଖଟୁଆ, ସେକ୍ଟର ଲିଡ଼ର କମଳା ଖଣ୍ଡେଇ ଓ ଅନ୍ୟ କର୍ମକର୍ତା ମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଜଣେ ଦକ୍ଷ ସିଡ଼ିପିଓ ପାଇଥିବାରୁ ସଂଘର ଉପୁଜୁଥିବା ବିଭିନ୍ନ ସମସ୍ୟା ଗୁଡ଼ିକୁ ସୁଚାରୁରୂପେ ସମାଧାନ ହୋଇ ପାରିବ ବୋଲି କୁହାଯାଇଥିଲା। ଏହି ସମୟରେ ମଞ୍ଜୁଲତା ବିଶ୍ୱାଳ, ମଞ୍ଜୁଲତା ମଲ୍ଲିକ, ପ୍ରମିଳା ଖଣ୍ଡେଇ, ଅବନୀ ବିଶ୍ୱାଳ, ଗାୟତ୍ରୀ ବେହେରା ଓ ବାସନ୍ତୀ ଜେନା ସମେତ ବହୁ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହିଥିଲେ।

## ବଂଚୋ ଦଧିବାମନ ଜୀଉଙ୍କ ୯ମ ବାର୍ଷିକ ଉତ୍ସବ ଉଦ୍‌ଘାଟନ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ବଂଚୋ ଠାରେ ଥିବା ଦଧିବାମନ ଜୀଉଙ୍କ ୯ମ ବାର୍ଷିକ ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ଏହି ଅବସରରେ ନବନିର୍ମିତ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ହାଟଡିହୀ ବ୍ଲକ ବିଡିଓ ଜୟଦେବ ଦାସ, ସହକାରୀ ଯନ୍ତ୍ରୀ ସୁକାନ୍ତ କୁମାର ନାୟକ, ବଂଚୋ ସରପଂଚ ଚମ୍ପାବତୀ ପୁହାଣ,ବିଶିଷ୍ଟ କବି ଅଶୋକ ପୁହାଣ,ଅକ୍ଷୟ ବରାଳ,ରତିକାନ୍ତ ରାଉତ,ପ୍ରଶାନ୍ତ ରାଉତ,ଶଶାଙ୍କ ପୁହାଣ ,ସୁଶାନ୍ତ ବିଶ୍ୱାଳ,ସୁଧାକର ଓଝା,ଧବଳ ପଟ୍ଟନାୟକ,ଆନନ୍ଦ ନାୟକ,ସୁଧାକର ରାଉତ,ଜ୍ଞାନ ରଂଜନ ସାମନ୍ତ ସିଂହାର ଉପସ୍ଥିତ ଥିଲେ। ବଂଚୋ ଗ୍ରାମବାସୀଙ୍କ ତରଫରୁ ବିଧାୟକଙ୍କୁ ପୁଷ୍ପଗୁଚ୍ଛ,ଉତରୀୟ ଓ ଏକ ଜଗନ୍ନାଥ ମହାପ୍ରଭୁଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ମହୋତ୍ସବ ୩ ଦିନ ଧରି ଚାଲିବା ସହିତ ଓଡିଶାର ବିଶିଷ୍ଟ ସାଂସ୍କୃତିକ ସଂଗଠନ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କମିଟି ତରଫରୁ ସୂଚନା ଦିଆଯାଇଛି।

# ଭିନ୍ନ ଏକ ମଣିଷ ଅନାଦି ବାବୁ



କେନ୍ଦୁଝର (ପିଏନ୍): ସରକାରଙ୍କର ହେଲମେଟ୍ ନିୟମ ହେଉ କି ରେଡକ୍ରସ ନିୟମ ହେଉ ସବୁଥିରେ ଟିକେ ଠକି ଦେଇ ନିଜର କିଛି ପଇସା ବଂଚାଇ ଦେଲାପରେ ବଡ ଶାନ୍ତିରେ ନିଃଶ୍ୱାସ ନିଅନ୍ତି ଆମ ପରି ସାମାଜିକ ପ୍ରାଣୀମାନେ। ମାତ୍ର ଆମମାନଙ୍କ ମଧ୍ୟରେ ବି ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କି କୌଣସି ନିୟମ ପ୍ରଣୟନ ପଛରେ ଥିବା ମହତ୍ ଉଦ୍ଦେଶ୍ୟକୁ ଉପଲବ୍ଧି କରି ତାର ସୁବିନିଯୋଗ କରନ୍ତି। ଏଇ ଯେପରି ଅନାଦି ବାବୁ। କେନ୍ଦୁଝରରୁ କାଳିମାଟି ଯିବା ରାସ୍ତାରେ ପଡେ ପଳାଶପଙ୍ଗା। ପଳାଶପଙ୍ଗାରୁ ବାମ ଆଡକୁ ପାଖାପାଖି ୧୭ରୁ ୧୮ କି.ମି. ଗଲେ ପଡେ କାଳିମାଟି। କାଳିମାଟି ଯିବା ରାସ୍ତାରେ ପଳାଶପଙ୍ଗାରୁ ବୁଲିବା ବେଳକୁ ଠିକ୍ ଓଡିଶା ଗ୍ରାମ୍ଯ ଛକ କୋଣରେ ଅଛି ଅନାଦି ବାବୁଙ୍କର ଚା'ଦୋକାନ। ଦୋକାନ ବୋଲି ଖଣ୍ଡେ କ୍ୟାବିନ୍, ତା' ଆଗକୁ ଛାଉଣୀ କରି ଟେବୁଲ୍ ଖଣ୍ଡେ ପକେଇ ଚଳେଇଛନ୍ତି ନିଜର ଚା' ବେପାର। ବୃତିଟା ସିନା ଚା' ବିକିବା ହେଲେ ଲୋକର ମିଞ୍ଜାସ୍‌ଟା ଟିକେ ଅଲଗା। ଯେତେବେଳେ ସାରା ଦେଶରେ ହେଲ୍‌ମେଟ୍ ପିନ୍ଧାକୁ ନେଇ ସରକାର, ପୋଲିସ୍ ତଥା ଜନସାଧାରଣଙ୍କର ମ୍ଯରେ ଭିଡାଓଟରା ଚାଲିଥିଲା ସେତେବେଳେ ଅନାଦି ବାବୁ ନିଜ ଚା'ଦୋକାନରେ ହେଲ୍‌ମେଟ୍ ପିନ୍ଧାକୁ ବାଧ୍ୟତାମୂଳକ କରି ସ୍ପଷ୍ଟ କହିଦେଇଥିଲେ "ଭାଇ ହେଲ୍‌ମେଟ୍ ନାହିଁ ତ ଚା' ନାହିଁ"। ସେହିପରି ଭାବରେ ଯେତେବେଳେ ଲୋକମାନେ ନୂଆବର୍ଷକୁ ମଦ ମାଂସ ଭୋଜି କରି ସ୍ୱାଗତ କରନ୍ତି ସେତେବେଳେ ଅନାଦି ବାବୁ ଲୋକମାନଙ୍କୁ ମାଗଣା ଚା' ବାଂଟି ନିଜର ଆତ୍ମତୃପ୍ତି ଲାଭ କରନ୍ତି। ସବୁଠୁ ମଜାଦାର କଥା ହେଲା ଯେ ରାସ୍ତାଘାଟରେ ଦୁର୍ଘଟଣାର ଶିକାର ହେଉଥିବା ଜନତାଙ୍କ ପାଇଁ ସରକାର ରେଡ୍‌କ୍ରସ ଯୋଜନା ପ୍ରଣୟନ କରିଛନ୍ତି। ଯେତେବେଳେ ଏହି ରେଡକ୍ରସ ପାଣ୍ଠିକୁ ଦାନ କରିବା ପାଇଁ ସକ୍ଷମ ବ୍ୟକ୍ତିବିଶେଷ ନାନାଦି ଆଳ କରି ପଛଘୁଂଚା ଦିଅନ୍ତି ଓ ରେଡକ୍ରସ ପଇଠ କରନ୍ତି ନାହିଁ, ଯଦି ବି କରନ୍ତି ତେବେ ବହୁତ ନଗଣ୍ୟ ମାତ୍ରାରେ କରନ୍ତି। ସେହି ସମୟରେ ଚା' ବେପାର କରି ନିଜର ତଥା ନିଜ ପରିବାରର ପେଟ ପୋଷୁଥିବା ଅନାଦି ବାବୁ କିନ୍ତୁ ପ୍ରତିଦିନ ନିଜ ଆୟର କିଛି କିଛି ଅର୍ଥ ସଂଚୟ କରି ରେଡ୍‌କ୍ରସ ପାଣ୍ଠିକୁ ଦାନ କରିଥାନ୍ତି। ସିଏ ବି ପୁଣି କୌଣସି କ୍ୟାମେରା ବାଲାଙ୍କୁ ସାଙ୍ଗରେ ନ ନେଇ।

# ସିଡ଼୍‌ବଲ୍‌ରେ ମକର ପର୍ବକୁ ନିଆରା ସ୍ୱାଗତ



ଭୁବନେଶ୍ୱର (ପିଏନ୍): ବନ୍ଧୁ ମିଳନ, ଭାଇଚାରା ଓ ସଂକ୍ରାନ୍ତି ସଂସ୍କୃତିର ଶ୍ରେଷ୍ଠ ପର୍ବ ହେଉଛି ମକର। ଏହାକୁ ନିଆରା ଢ଼ଙ୍ଗରେ ଶୁଭେଚ୍ଛା ଜଣାଇ ସବୁଜିମାର ବାର୍ତ୍ତା ବାଣ୍ଟିଛନ୍ତି ସ୍ମାର୍ଟନଗରୀ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଅଞ୍ଚଳରେ ରହୁଥିବା ପରିବେଶବିତ୍ ତଥା ସାମାଜିକ କର୍ମୀ ସୁଶାନ୍ତ ସାହୁ। ମାଟି ଓ ଗୋବର ଖତ ସହିତ ବିଭିନ୍ନ ବିହନକୁ ମିଶାଇ ପେଣ୍ଡୁ ବା ବଲ୍‌ରେ ତିଆରିଛନ୍ତି ସେ ସବୁଜ ଗୁଡ଼ି। ସାଧାରଣତଃ ଏହି ପର୍ବରେ ଗୁଡ଼ି ଉଡ଼ାଇବାର ପରମ୍ପରା ଆମ ରାଜ୍ୟର ସହର ଓ ଗ୍ରାମାଞ୍ଚଳରେ ପ୍ରଚଳିତ। ସଂପ୍ରତି ବଜାରରେ ଉପଲବ୍ଧ ପ୍ରକୃତି ଓ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଥିବା ଜରି ଓ ପ୍ଲାଷ୍ଟିକ୍ ଗୁଡ଼ିକୁ ବର୍ଜନ କରି ପରିବେଶ ଉପଯୋଗୀ ଅର୍ଥାତ୍ ଇକୋ-ଫ୍ରେଣ୍ଡଲି ଗୁଡ଼ି ଓ ସୂତାର ବ୍ୟବହାର କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ସେ ସଚେତନତା ସୃଷ୍ଟି କରିଛନ୍ତି। ମକର ହେଉଛି କୃଷିଭିତ୍ତିକ ଏକ ମୁଖ୍ୟ ପର୍ବ । କୃଷକ ତା'ର ଫସଲକୁ ମକର ଚାଉଳରେ ପ୍ରଥମେ ଈଶ୍ୱରଙ୍କୁ ସମର୍ପଣ କରିଥାଏ। ପରେ ମକର ଚାଉଳକୁ ଭୋଗ କରିଲୋକେ ଖାଆନ୍ତି। ମକରରେ କ୍ଷେତ, ଜଙ୍ଗଲ ଓ ପରିବେଶକୁ ସବୁଜିମାମୟ କରାଉ ଓ ବିଶ୍ୱବାସୀଙ୍କ ମୁଣ୍ଡ ଉପରୁ ଜଳବାୟୁର ଜ୍ୱାଳା ହ୍ରାସ ପାଉ ଏହି ବାର୍ତ୍ତା ଦେବାକୁ ଏଭଳି ଭବ୍ୟ ଆୟୋଜନ ଜରିଆରେ ଆମ ସଂସ୍କୃତିର ବୈଶିଷ୍ଟ୍ୟତାକୁ ନେଇ ସଚେତନତା କରାଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି।

# ନାରାୟଣ ସେନାପତିଙ୍କୁ ମିଳିଲା ଗବେଷକ ଗୌରବ ସମ୍ମାନ

କେନ୍ଦୁଝର (ପିଏନ୍): ହାଟଡିହି ବ୍ଲକ ଜମ୍ବରା ଗ୍ରାମର ନାରାୟଣ ଚନ୍ଦ୍ର ସେନାପତିଙ୍କୁ ମୟୁରଭଞ୍ଜ ବଡ଼ସାହିର ୪୦ତମ ବାଣୀପୀଠ ମହୋତ୍ସବ ୨୦୨୦ରେ ଗବେଷକ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ତ୍ରିଦିବସୀୟ ମହୋତ୍ସବର ଦ୍ୱିତୀୟ ଦିବସରେ ଓଡ଼ିଆ ଲେଖକ ପରିଷଦ ତରଫରୁ କବିତା ମହାଯଜ୍ଞ ତଥା କବି, ଲେଖକ ଓ କଳାକାର ସମ୍ମେଳନ ପ୍ରତିଭା ସମ୍ମାନ ସମାରୋହରେ ସମ୍ବର୍ଦ୍ଧନା ସଭାରେ ଲକ୍ଷ୍ମୀଧର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ବହୁ ମାନ୍ୟଗଣ୍ୟ ଅତିଥି ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ସଭାର ଶୋଭାବର୍ଦ୍ଧନ କରିଥିଲେ। ରାଜ୍ୟର ବିଭିନ୍ନ ବିଭାଗର ଭିନ୍ନଭିନ୍ନ ପ୍ରତିଭା ମଧ୍ୟରୁ କେନ୍ଦୁଝର ଜିଲାର ସୁସାହିତ୍ୟିକ ଆଦର୍ଶ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ସେନାପତିଙ୍କୁ ଜଣେ ଶ୍ରେଷ୍ଠ କବି, ଗାଳ୍ପିକ, ପ୍ରାବନ୍ଧିକ, ନାଟ୍ୟକାର, ଗୀତିକାର, ନାଟ୍ୟ ନିର୍ଦ୍ଦେଶକ, ସଂଯୋଜକ, ସମାଜସେବୀ, ସୁସଂଗଠକ ଏପରିକି ଆଦର୍ଶ ଶିକ୍ଷକ, ପ୍ରଶିକ୍ଷକ ଓ ଶିକ୍ଷାବିତ୍ ପାଇଁ ଗବେଷକ ଗୌରବ ସମ୍ମାନ ୨୦୨୦ ପ୍ରଦାନ କରାଯାଇଛି। ଓଡ଼ିଶାର କୋଣ ଅନୁକୋଣରେ ମନୋନୀତ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଭାଧାରୀଙ୍କୁ କଳା, ସାହିତ୍ୟ, ଶିକ୍ଷା, ସଂସ୍କୃତି, ସମାଜସେବା, ସଂଗଠକ, ଗୃହ ପରିଚାଳନା କ୍ଷେତ୍ରରେ କୃତି ଓ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସୁସାହିତ୍ୟିକ ସର୍ବେଶ୍ୱର ଜେନା ଏହି ବର୍ଣ୍ଣାଢ଼୍ୟ ସଭାର ସୁପରିଚାଳନା କରିଥିବା ବେଳେ ଅନୁଷ୍ଠାନ ସମ୍ପାଦକ ଡ. କୁମାର ବାବୁଲି ଧନ୍ୟବାଦ ଅର୍ପଣ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶିଶୁଗଣଙ୍କ ସାମୁହିକ ସଂଗୀତ ଗାନ ଓ ସୁନ୍ଦର ନୃତ୍ୟ ପରିବେଷଣ ମନମୁଗ୍ଧ କରିଥିଲା।

# ସମାଜସେବୀଙ୍କ ପରଲୋକ



ଭୁବନେଶ୍ୱର (ପିଏନ୍): କୃପା ପାର୍ଟି ଓଡିଶାର ଅଧ୍ୟକ୍ଷ ଶ୍ରୀକାନ୍ତ ସାମଲଙ୍କ ପିତା ତଥା କେନ୍ଦ୍ରାପଡାର ପାଟକୁରା ଥାନା ଅନ୍ତର୍ଗତ ପହଣା ଗ୍ରାମର ବିଶିଷ୍ଟ ସମାଜସେବୀ ରଘୁନାଥ ସାମଲଙ୍କର ୮୬ବର୍ଷରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନଧରି କୋଲକାତାରେ କମ୍ପାନୀ ଚାକିରୀ କରିବା ପରେ ଓଡିଶାକୁ ଫେରି ବ୍ୟବସାୟ କରୁଥିଲେ। ସ୍ୱର୍ଗତଃ ସାମଲଙ୍କର ଦୁଇପୁତ୍ର ରମାକାନ୍ତ ସାମଲ ରାଉରକେଲାରେ ଆଡଭୋକେଟ ଥିଲାବେଳେ ସାନପୁଅ ଶ୍ରୀକାନ୍ତ କୃପା ପାର୍ଟି ଦାୟିତ୍ୱରେ ଅଛନ୍ତି। ଅନ୍ୟ ଦୁଇଝିଅ ବିବାହିତା। ସ୍ୱର୍ଗତଃ ସାମଲ ନିଜ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କର ମାର୍ଗଦର୍ଶନରେ ତାଙ୍କ ଦୁଇପୁଅ ଆଇନ ପେଶାରେ ଥାଇ ମଧ୍ୟ ବିଭିନ୍ନ ଆଧ୍ୟାତ୍ମିକ, ସାମାଜିକ ଓ ରାଜନୀତିକ କାର୍ଯ୍ୟରେ ସକ୍ରୀୟ ରହିଛନ୍ତି। ସ୍ୱର୍ଗତଃ ସାମଲଙ୍କ ବିୟୋଗରେ ତାଙ୍କ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ସମସ୍ତ ଅନ୍ତେଷ୍ଟିକ୍ରିୟା ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ।

# ପରମାଣୁ ବାହାନାରେ ତେଲବିକ୍ରି



ଇରାନର ଆର୍ଥିକ ସ୍ଥିତିକୁ ଖରାପ କରିବାଲାଗି ଆମେରିକା ପ୍ରଶାସନ ପରମାଣୁକୁ ଏକ ବାହାନା ଭାବେ ଗ୍ରହଣ କରିଛି। ଚୀନ ଓ ଭାରତକୁ ତୈଳ ଏବଂ ଗ୍ୟାସ ବିକ୍ରି କରି ଇରାନ ନିଜ ଆର୍ଥିକ ସ୍ଥିତିକୁ ସମ୍ଭାଳି ନେଉଥିବାରୁ ଏବେ ପୂରା କଟକଣା ବିକ୍ରି ଉପରେ ଲଗାଯାଇଛି। ଏହାସହ ଭାରତକୁ ତୈଳବିକ୍ରି ପାଇଁ ଆମେରିକା ଆଗ୍ରହ ପ୍ରକାଶ କରିଛି। ଦକ୍ଷିଣ ଆମେରିକାର ଭେନେଜୁଏଲା ଏବଂ ଏସିଆର ଇରାନ ଉପରେ ଆର୍ଥିକ କଟକଣା ଲଗାଇ ତୈଳ ବଜାରକୁ ଟ୍ରମ୍ପ ପ୍ରଶାସନ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଛନ୍ତି। ବିଶ୍ୱ ବଜାରର ଅଭାବକୁ ପୂରଣ କରିବା ଲାଗି ଆମେରିକାର ସହଯୋଗୀ ସାଉଦି ଆରବକୁ ଅଧିକ ତୈଳ ଉତ୍ପାଦନ କରିବାକୁ ପରାମର୍ଶ ଦିଆଯାଇଛି ଅସ୍ଥିରତାକୁ ସ୍ଥାୟୀ ଭାବରେ ରଖି ନିଜର ସ୍ୱାର୍ଥପୂର୍ଣ୍ଣ କରିବା ହେଉଛି ଟ୍ରମ୍ପ ପ୍ରଶାସନର ମୂଳ ଲକ୍ଷ୍ୟ। ସେଥିପାଇଁ ଗୋଟିଏ ପଟେ ଯୁଦ୍ଧ ଘନଘଟାର ଧମକ ଓ କାର୍ଯ୍ୟାନୁଷ୍ଠାନର ନାଲିଆଖି ଏବଂ ଅନ୍ୟପଟେ ଆର୍ଥିକ ବଜାରକୁ ଦଖଲ କରି ରପ୍ତାନୀ ବୃଦ୍ଧି କରି ଜିଡିପି ବଢାଇବାକୁ ଆମେରିକାର ରାଷ୍ଟ୍ରପତି ଯୋଜନା କରିଛନ୍ତି। ଆଗାମୀ ଦିନରେ ତାଙ୍କୁ ଆମେରିକାର ରାଷ୍ଟ୍ରପତି ପଦ ପାଇଁ ପୁଣି ଥରେ ଲଢିବାକୁ ହେବ। ସେହି ଟାର୍ଗେଟରେ ସେ ଏବେଠାରୁ କେଉଁଠି କେଉଁଠି ଶକ୍ତି ପ୍ରୟୋଗ କରିପାରିବେ ଏବଂ ନିର୍ବାଚନ ପ୍ରଚାର କାଳରେ ତା'ର ଯୁକ୍ତିଯୁକ୍ତତା ଦର୍ଶାଇ ଭୋଟପାଇଁ ଆହ୍ୱାନ କରିପାରିବେ ସେ ଲକ୍ଷ୍ୟରେ ରହିଛନ୍ତି। ଇଉରୋପ ଓ ଏସିଆରେ ଇରାନର ଅଧିକ ବାଣିଜ୍ୟ ରହିଛି। ଏହାଛଡା ରୁଷିଆର ସମର୍ଥନ ଇରାନ ସହ ରହିଛି। ଇରାନ ବିରୋଧରେ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ରୁଷିଆ ଯେପରି ଅଧିକ ପ୍ରତିକ୍ରିୟାଶୀଳ ନ ହେବ ସେଥିପାଇଁ ଆମେରିକା ପକ୍ଷରୁ ପ୍ରତିନିଧିମାନଙ୍କୁ ରୁଷିଆକୁ ପଠାଯାଇଛି। ଆମେରିକା ପକ୍ଷରୁ ଏକଲକ୍ଷ କୋଡିଏ ହଜାର ସେନାଙ୍କୁ ଆରବରେ ମୁତୟନ କରାଯିବାକୁ ଅଛି। ତେଣୁ ପୂର୍ବରୁ ଇଉରୋପ ଓ ଏସିଆର ପ୍ରମୁଖ ଶକ୍ତିମାନଙ୍କ ସହ ଆମେରିକା ପ୍ରଶାସନ ସଂପର୍କ ବୃଦ୍ଧି କରିବାକୁ ଯୋଜନା କରଛି।

ଏକଥା ସତ ଯେ ଇରାନ ବିରୋଧରେ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ ଅଭିଯୋଗ ଆମେରିକା ଆଣି ପୁରୁଣା ଚୁକ୍ତିକୁ ଖାରଜ କରି ନିଜ ଆର୍ଥିକ ସ୍ଥିତିକୁ ସୁଧାରିବା ଏବଂ ଅସ୍ତ୍ର ବଜାରକୁ ବଢାଇବା ଲକ୍ଷ୍ୟରେ କାର୍ଯ୍ୟ କରୁଛି। ମଧ୍ୟ ପ୍ରାଚ୍ୟରେ ଦେଶଗୁଡିକ ନିଜସ୍ୱ ଆର୍ଥିକ ସ୍ଥିତିକୁ ସୁଧାରିବାରେ ଲାଗି ପଡିଥିଲା ବେଳେ ଟ୍ରମ୍ପଙ୍କ ଏ ପ୍ରକାର ଆଭିମୁଖ୍ୟ ସଂକୀର୍ଣ୍ଣମନା ନିଷ୍ପତ୍ତି। ଆଫ୍ରିକାରେ ଦୀର୍ଘ ବର୍ଷ ଲାଗି ରହିଥିବା ଦାରିଦ୍ର୍ୟ, ଆର୍ଥିକ ସଙ୍କଟ, ରାଜନୀତିକ ସଂଘର୍ଷ ଓ ସନ୍ତ୍ରାସବାଦକୁ ଦୂର କରିବାକୁ ଆମେରିକା ଏବେ ଚାହୁଁନାହିଁ। ଯେଉଁ ଯେଉଁ ଦେଶରେ ଅଧିକ ବାଣିଜ୍ୟ ହେବାର ସମ୍ଭାବନା ରହିଛି ସେହିସେହି ଦେଶକୁ ଟାର୍ଗେଟ କରି ଆମେରିକା କାର୍ଯ୍ୟ କରୁଛି। ଚୀନ ସହ ବାଣିଜ୍ୟ ଯୁଦ୍ଧ, ଭାରତ ସହ ଶୁଳ୍କ ବିବାଦ ନେଇ ପ୍ରଥମେ ଚାପ ସୃଷ୍ଟି କଲା। ଆମେରିକାର ମୋଟର ସାଇକେଲ ଉପରେ ଭାରତ ସରକାର ଶୁଳ୍କ ଲଗାଉଥିବା ନେଇ ଆମେରିକା ପକ୍ଷରୁ ଅଭିଯୋଗ କରାଗଲା। ଆଝାର ମସୁଦ ପ୍ରସଙ୍ଗରେ ଜାତିସଂଘରେ ଭାରତର ଦାବିକୁ ସମର୍ଥନ କରି ଟ୍ରମ୍ପ ପ୍ରଶାସନ ଭାରତକୁ ରୁଷିଆଠାରୁ ଦୂରେଇ ରଖିବାକୁ ଚାହିଁଲେ। ରୁଷିଆଠାରୁ ଅସ୍ତ୍ରଶସ୍ତ୍ର କ୍ରୟ ନକରିବାଲାଗି ଚାପ ପ୍ରୟୋଗ କଲେ। ଇରାନ ସପକ୍ଷରେ ଭାରତ ନଯିବା ଲାଗି କୂଟନୀତି ପ୍ରୟୋଗ ହେଲା। ଇରାନର ଚାବହର ବନ୍ଦରର ବ୍ୟବସାୟ ଭାରତ ହାତରେ ରହିଥିବା ଦୃଷ୍ଟିରୁ ଆମେରିକା ତାକୁ କଟକଣାମୁକ୍ତ କରିଛି। ତେଣୁ ଇରାନର ପଡୋଶୀ ରାଷ୍ଟ୍ର ଆଫଗାନିସ୍ଥାନରେ ତାଲିବାନ ହାତରେ ଏକପ୍ରକାର ପରାଜୟବରଣ କରିବାକୁ ଯାଉଥିବା ଆମେରିକା ନିଜସ୍ୱାର୍ଥରେ ତାଲିବାନ ସହ କ୍ଷମତା ବୁଝାମଣା ନେଇ ଆଲୋଚନା ଚଳାଇଛି। ନିକଟରେ ଚୀନ ସହ ବାଣିଜ୍ୟିକ ବୁଝାମଣା ନେଇ ସମସ୍ୟାର ସମାଧାନ କରିବାକୁ ଆମେରିକା ରାଜି ହୋଇଛି। ଏଥିରେ ଆମେରିକା ସପକ୍ଷରେ ଯେପରି ବାଣିଜ୍ୟ କାରବାର ରହେ ସେଥିପ୍ରତି ଦୃଷ୍ଟି ଦେବାକୁ ଟ୍ରମ୍ପ ପ୍ରଶାସନ ଯୋଜନା କରୁଛି। କାରଣ ଚୀନର ବାଣିଜ୍ୟିକ କାରବାର ୟୁରୋପ ସମେତ ଅନେକ ଦେଶରେ ବ୍ୟାପକ ହୋଇସାରିଥିବାରୁ ଆମେରିକାର କଟକଣା ଚୀନର ବାଣିଜ୍ୟକୁ ଇରାନ ପରି ଖରାପ କରିପାରିନାହିଁ। ଛୋଟ ଦେଶ ଇରାକ୍ ବିରୋଧରେ ଏକଦା ମିଛ ଅଭିଯୋଗ ଆଣି ସଦ୍ଦାମ ହୁସେନଙ୍କ ସରକାରର ପତନ କରିବା ସହ ସେଠାକାର ଆର୍ଥିକ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ସକ୍ଷମ ହୋଇଥିବା ଆମେରିକା ଇରାନ ବିରୋଧରେ କଟକଣା ଲଗାଇ ସେତେଟା ସଫଳ ହୋଇପାରିନାହିଁ। ଇରାନକୁ କେନ୍ଦ୍ର କରି ଆମେରିକା ଏବେ ଯେଉଁଳି ପଦକ୍ଷେପ ନେଉଛି ତାହା ବିଶ୍ୱ ଅର୍ଥନୀତି ପାଇଁ ସଙ୍କଟ ସୃଷ୍ଟି କଲାଣି। ଅନେକ ରାଷ୍ଟ୍ର ଅନାବଶ୍ୟକ ଚାପର ସମ୍ମୁଖୀନ ହେଲେଣି। ପୃଥିବୀରେ ବାଣିଜ୍ୟ ସ୍ୱାଭାବିକ ନହେଲେ ଆର୍ଥିକ ଦେଣନେଣ ସମସ୍ୟା ହେବ ଏବଂ ବଜାରରେ ମାନ୍ଦାବସ୍ଥା ଦେଖାଦେବ ଯାହା ଏବେ ସାରା ପୃଥିବୀକୁ କବଳିତ କଲାଣି।

**ସୌମେନ୍ଦ୍ର ଜେନା, ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩**

# ସ୍ୱାସ୍ଥ୍ୟ ସେବା: ଏକ ଅଧିକାର



ଭୁବନେଶ୍ୱର (ପିଏନ୍): ଯେପର୍ଯ୍ୟନ୍ତ ମଣିଷ ଶରୀର ଏବଂ ମନରୁ ସୁସ୍ଥ ନହେବ ସେଯାବତ୍ ସ୍ୱରାଜ ଏକ ସ୍ୱପ୍ନ ହୋଇ ରହିବ ଏହି କଥାକୁ ଭାରତୀୟ ଜନମାନସକୁ ବୁଝାଇଥିବା ବରିଷ୍ଠ ଚିକିତ୍ସକ, ସ୍ୱାଧିନତା ସଂଗ୍ରାମୀ, ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଆଗଧାଡ଼ିର ନେତା, ଭାରତରତ୍ନରେ ଭୂଷିତ ତଥା ସ୍ୱାଧୀନ ଭାରତର ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମଦିବସକୁ ଡାକ୍ତର ଦିବସ ରୂପେ ପାଳନ କରାଯାଉଛି। ଜୁଲାଇ ୧ ବିଶ୍ୱ ଡାକ୍ତର ଦିବସ ଭାବରେ ସବୁଆଡ଼େ ପାଳିତ ହେଉଛି। ସର୍ବଭାରତୀୟ ସ୍ତରରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଯଥେଷ୍ଟ ଉନ୍ନତ ଓ ଆଗରେ ରହିଛି। ବିଶେଷକରି ମହିଳା ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରି ଦ୍ରୁତ ସ୍ୱାସ୍ଥ୍ୟ ପ୍ରଗତିରେ ଆଜି ଓଡ଼ିଶା ଏକ ପ୍ରଗତିଶୀଳ ଓ ସ୍ୱାସ୍ଥ୍ୟ ସଚେତନ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କଲାଣି। ନିକଟରେ କେନ୍ଦ୍ର କ୍ୟାବିନେଟ ୨୦୧୭ର ଜାତୀୟ ସ୍ୱାସ୍ଥ୍ୟ ନୀତିକୁ ଅନୁମୋଦନ କରିଛି। ଏବେକାର ସ୍ୱାସ୍ଥ୍ୟନୀତି ୧୫ବର୍ଷର ପୁରୁଣା ହୋଇଥିବାରୁ ଏହାକୁ ବଦଳାଇବା ଓ ଏକ ନୂଆ ନୀତି ପ୍ରସ୍ତୁତ କରିବା ବହୁଦିନ ଧରି ଆବଶ୍ୟକ ଥିଲା। ୨୦୧୭ର ନୀତିରେ ଏକ ସ୍ୱାଗତଯୋଗ୍ୟ ବ୍ୟବସ୍ଥା ଥିଲେ ବି ଏହା ୨୦୦୨ ସ୍ୱାସ୍ଥ୍ୟନୀତିକୁ କିଛିଟା ଏପଟସେପଟ କରି ପୁନର୍ବାର ଉପସ୍ଥାପନ କରାଯାଇଥିବା ଭଳି ବୋଧ ହେଉଛି। ଏହି କାରଣରୁ ନୂଆ ସ୍ୱାସ୍ଥ୍ୟନୀତିକୁ ଟିକିନିଖି ଦେଖିଲେ ଏହା ଆଶାଜନକ ଜଣାପଡ଼ିବ ନାହିଁ। ଏବେ ଦେଶର ମୋଟ ଆଭ୍ୟନ୍ତରୀଣ ଉତ୍ପାଦନରେ ସାଧାରଣ ସ୍ୱାସ୍ଥ୍ୟ ପାଇଁ ବ୍ୟୟବରାଦ ୧.୩ ପ୍ରତିଶତ ଥିବାବେଳେ ୨୦୧୭ର ଜାତୀୟ ସ୍ୱାସ୍ଥ୍ୟନୀତିରେ ଏହାକୁ ୨.୫ ପ୍ରତିଶତକୁ ବଢ଼ାଯିବାକୁ ପ୍ରସ୍ତାବ ରହିଛି। ଏହି ପ୍ରସ୍ତାବ ପୁରୁଣା ନୀତିରେ ବି ଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ ଦେଶର ମୋଟ ଆଭ୍ୟନ୍ତରୀଣ ଉତ୍ପାଦନରେ ସ୍ୱାସ୍ଥ୍ୟ ବାବଦ ଖର୍ଚ୍ଚ ୫ ପ୍ରତିଶତ ରହିବା ଉଚିତ। ୨୦୧୭ର ନୀତି ମଧ୍ୟ ୨୦୧୫ର ଚିଠା ପ୍ରସ୍ତାବର ଏକ ଦୁର୍ବଳ ସଂସ୍କରଣ। ୨୦୧୫ରେ ହୋଇଥିବା ଚିଠା ନୀତିରେ ପ୍ରସ୍ତାବ ରଖାଯାଇଥିଲା ଯେ ୨୦୧୭ ଶେଷ ସୁଦ୍ଧା ମୋଟ ଆଭ୍ୟନ୍ତରୀଣ ଉତ୍ପାଦନରେ ସ୍ୱାସ୍ଥ୍ୟ ଖର୍ଚ୍ଚ ୨.୫ ପ୍ରତିଶତକୁ ବଢ଼ାଯିବ। କିନ୍ତୁ ଏବେକାର ନୂଆ ନୀତିରେ ଏହି ସମୟସୀମା ୨୦୨୫ ରଖାଯାଇଛି। ଅର୍ଥାତ୍ ସ୍ୱାସ୍ଥ୍ୟ ଖର୍ଚ୍ଚ ୨.୫ ପ୍ରତିଶତରେ ପହଞ୍ଚିବାକୁ ଆଉ ୮ ବର୍ଷ ଲାଗିବ। ନୂଆ ନୀତିର ଅନେକ ଧାର୍ଯ୍ୟଲକ୍ଷ୍ୟର ସମୟସୀମା ମଧ୍ୟ କିଛି ନୂଆ ନୁହେଁ। ୨୦୦୨ ଓ ୨୦୧୭ ନୀତିରେ ମାତୃ ମୃତ୍ୟୁ ଅନୁପାତ ଏକଶହ ଅଛି। ୨୦୦୨ରେ ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ୨୦୧୦ ମସିହା ସମୟସୀମା ସୁଦ୍ଧା ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ। ୨୦୧୫-୧୬ରେ ଦେଖାଗଲା ଯେ ଏହି ଅନୁପାତ ୧୬୭ ରହିଛି। ଏବେ ନୂଆ ନୀତିରେ ମାତୃ ମୃତ୍ୟୁ ହାରର ଲକ୍ଷ୍ୟ ହାସଲ ସମୟସୀମା ୨୦୨୦ ରଖାଯାଇଛି। ତଥାପି ଏବେ ପ୍ରଶ୍ନ ଉଠୁଛି ନୂଆ ସମୟସୀମା ମଧ୍ୟରେ ଏସବୁ ଲକ୍ଷ୍ୟ ହାସଲ ହୋଇପାରିବ କି ନା। ଦେଶର ସ୍ୱାସ୍ଥ୍ୟ ଉଦ୍ୟୋଗର ସମସ୍ୟାଗୁଡ଼ିକୁ ଦେଖିଲେ ଯେ କେହି କହିପାରିବେ ଯେ କମ ସମୟ ମଧ୍ୟରେ ଏହି ସ୍ଥିତିକୁ ବଦଳାଇବା କଷ୍ଟକର। ହୁଏତ ସ୍ୱାସ୍ଥ୍ୟ ବଜେଟ ଯଥେଷ୍ଟ ବଢ଼ାଗଲେ ଏ ବାବଦରେ ଶୀଘ୍ର ସଫଳତା ମିଳନ୍ତା। ଯଦିଓ ଦେଶର ସରକାରୀ ବ୍ୟବସ୍ଥାରେ ବରାଦ ଅର୍ଥ ଠିକ୍ ଭାବରେ ଖର୍ଚ୍ଚ ହୁଏନାହିଁ ବୋଲି ସମସ୍ତେ ଜାଣନ୍ତି। ନୂଆ ସ୍ୱାସ୍ଥ୍ୟ ନୀତିରେ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଦିଆଯାଇଛି। ଦୁଇତୃତୀୟାଂଶ ଅର୍ଥ ଏଥିରେ ଖର୍ଚ୍ଚ ହେବ। ସାଧାରଣ ଲୋକେ କିପରି ଗୁଣାତ୍ମକ ସେବା ପାଇବେ ସେଥିପାଇଁ ଗୁରୁତ୍ୱ ଦିଆଯାଇ ଔଷଧ, ଡାଇଗ୍ନୋଷ୍ଟିକ, ଜରୁରୀ ତଥା ଅତ୍ୟାବଶ୍ୟକ ସେବା ସରକାରୀ ଡାକ୍ତରଖାନାଗୁଡ଼ିକରେ ମାଗଣା ଯୋଗାଇବାକୁ ଏଥିରେ ପ୍ରସ୍ତାବ ରଖାଯାଇଛି। ଭାରତରେ ଅଧିକାଂଶ ଲୋକ ଚିକିତ୍ସା ଖର୍ଚ୍ଚ ନେଇ ଋଣଗ୍ରସ୍ତ ହୁଅନ୍ତି। ଏଣୁ ସରକାରୀ ଡାକ୍ତରଖାନା ଗୁଡ଼ିକରେ ଉନ୍ନତ ମାଗଣା ଚିକିତ୍ସା ଓ ଔଷଧ ବିନା ମୂଲ୍ୟରେ ଯୋଗାଯିବା ଆବଶ୍ୟକ। ନୂଆ ନୀତି ସାଧାରଣ ଲୋକଙ୍କର ଚିକିତ୍ସା ଖର୍ଚ୍ଚ ଓ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବା ସମସ୍ୟାକୁ ହାଲୁକା କରିବ ବୋଲି ଆଶା କରାଯାଉଛି। ଦେଶରେ ଏବେ ଅଣସଂକ୍ରମିତ ରୋଗର ସମସ୍ୟା ବଢୁଥିବାରୁ ନୂଆ ନୀତିରେ ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବ। ହୃଦ୍‌ରୋଗ, ସ୍ତ୍ରୀ ଓ ପ୍ରସୂତୀ ରୋଗ ସମସ୍ୟା, ଡାଇବେଟିସ୍, କ୍ୟାନସର, ମାନସିକ ରୋଗ ଓ ଅନ୍ୟାନ୍ୟ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପ୍ରାଥମିକ ସ୍ତରରେ ମୁକାବିଲା କରିବାକୁ ଏକ ନୂଆ ବିସ୍ତୃତ ସ୍ୱାସ୍ଥ୍ୟସେବା ପ୍ୟାକେଜ ପ୍ରସ୍ତୁତ ହେବ। ଏସବୁ ସତ୍ତ୍ୱେ ଅତୀତର ଅଭିଜ୍ଞତା ଦୃଷ୍ଟିରୁ ଲୋକେ ସରକାରୀ ଚିକିତ୍ସା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭରସା କରିପାରନ୍ତି ନାହିଁ। ୨୦୧୫ର ଚିଠା ପ୍ରସ୍ତାବରେ ସ୍ୱାସ୍ଥ୍ୟସେବାକୁ ମୌଳିକ ଅଧିକାର କରାଯିବା ପାଇଁ ବିଚାର କରାଯାଇଥିଲା। କିନ୍ତୁ ଏବେ ତା ବଦଳରେ ପ୍ରତିଶ୍ରୁତିଭିତ୍ତିକ ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟସେବା ମୌଳିକ ଅଧିକାର ମର୍ଯ୍ୟାଦା ପାଇଥିଲେ ଏହାର ଆଇନଗତ ଗୁରୁତ୍ୱ ଅଧିକ ହୋଇଥାନ୍ତା। କାରଣ ୭୦ବର୍ଷର ସ୍ୱାଧୀନତା ପରେ ଦେଶବାସୀ ପ୍ରତିଶ୍ରୁତିଭିତ୍ତିକ ବଦାନ୍ୟତା ବଦଳରେ ସ୍ୱାସ୍ଥ୍ୟସେବାର ହକ୍ ହାସଲ କରିବା ଦରକାର। ବିଶ୍ୱ ଡାକ୍ତର ଦିବସ ଅବସରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଅଧିକ ବିକଶିତ, ପ୍ରୟୋଗାତ୍ମକ କରିବା ସହ ସରକାରଙ୍କ ସ୍ୱାସ୍ଥ୍ୟସେବାର ସଫଳତା ଓ ସେବା ସହାୟତା ଅଧିକ ଭାବରେ ସମସ୍ତଙ୍କ ପାଖରେ ବିଶେଷ ଭାବରେ କିପରି ଉପଲବ୍ଧ ହେବ ତାହା ଏହି ଦିବସର କାମନା।

**(ସୌଜନ୍ୟ: ଡାକ୍ତର କାନ୍ତୀ ନାୟକ, ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ସିଟି ହସ୍ପିଟାଲ, କଟକ**




# ବିଶ୍ୱର ଚର୍ଚ୍ଚିତ ଚେହେରା ଲୋମୋଶ କନ୍ୟା ଦୁଷ୍କର୍ମର ଶିକାର, ସ୍ୱାମୀ ସ୍ତ୍ରୀ ଗିରଫ

ବୌଦ୍ଧ: ଏକଦା ସମଗ୍ର ବିଶ୍ୱର ଚର୍ଚ୍ଚିତ ଚେହେରା ରହିଥିବା ଲୋମୋଶ କନ୍ୟା ଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଛି । ବୌଦ୍ଧ ଜିଲା ହରଭଂଗା ବ୍ଲକ କୁଶଙ୍ଗ ପଂଚାୟତର ଖଲିସାହି ଗ୍ରାମରେ ରହୁଥିବା ମହିଳାକୁ ସେହି ଗ୍ରାମର ଅଭିମନ୍ୟୁ କହଁର ନିଜର ପତ୍ନୀ ନିଦ୍ରାବତୀ କହଁରଙ୍କ ସହାୟତାରେ ମାଡ ମାରିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପୀଡିତା ନିଜେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖରେ ସେ ଘରେ ଶୋଇଥିବା ସମୟରେ ଖଲିସାହି ଗ୍ରାମର ଅଭିମନ୍ୟୁ କହଁର ରାତି ୧୨ ଟାରେ ତାର ଘରକୁ ପଶିଆସି ତାକୁ ଜବରଦସ୍ତି ଗ୍ରାମର ସ୍କୁଲ ନିକଟକୁ ଉଠାଇ ନେଇଥିଲା । ଘଟଣାସ୍ଥଳରେ ପୀଡିତା ଜଣକ ପାଟି କରିବାରୁ ସେଠାରେ ପୂର୍ବରୁ ଉପସ୍ଥିତ ରହିଥିବା ଅଭିମନ୍ୟୁର ସ୍ତ୍ରୀ ନିଦ୍ରାବତୀ କହଁର ତାର ପାଟିକୁ ବାନ୍ଧି ଦେଇ ଠେଙ୍ଗାରେ ବାଡେଇଥିଲା । ପରେ ଅଭିମନ୍ୟୁ କହଁର କୌଣସି କାରଣରୁ ନିଜ ସ୍ତ୍ରୀକୁ ସେହି ଠେଙ୍ଗାରେ ବାଡେଇବା ଫଳରେ ତାର ସ୍ତ୍ରୀ ସେଠାରୁ ପଳାଇଥିଲା । ତାର ସ୍ତ୍ରୀ ନିଦ୍ରାବତୀ କହଁର ସେଠାରୁ ପଳାଇବା ପରେ ଅଭିମନ୍ୟୁ ତା ସହିତ ଦୁଷ୍କର୍ମ କରିବା ସହିତ କାହାରିକୁ ଏ ସମ୍ପର୍କରେ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ପୀଡିତା ଜଣକ ଅଭିଯୋଗ କରିଛନ୍ତି । ପୀଡିତାଙ୍କ ଭାଇ ଘରେ ନଥିବାରୁ ସେ ଭୟଭୀତ ହୋଇ ରହିଥିଲେ ଏବଂ ଆଜି ଭାଇ ଆସିବା ପରେ ପୀଡିତା ନିଜ ଭାଇକୁ ସାଙ୍ଗରେ ନେଇ ହରଭଙ୍ଗା ଥାନାରେ ଅଭିଯୋଗ କରିଛନ୍ତି । ଗତ ୯ ତାରିଖରେ ଘଟିଥିବା ଏହି ଘଟଣା ସଂପର୍କରେ ପୀଡିତାଙ୍କ ଠାରୁ ଲିଖିତ ଅଭିଯୋଗ ପାଇବା ପରେ ଆଜି ହରଭଂଗା ପୋଲିସ ଏହି ଘଟଣାରେ ଏକ କେଶ (ନଂ-୧୨/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୋଲିସ ପକ୍ଷରୁ ନୟାଗଡ ଜିଲା ବାଣିଗୋଛା ଗ୍ରାମରେ ଚଢ଼ଉ କରାଯାଇ ଉଭୟ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରିଛି । ଆସନ୍ତା କାଲି ଡାକ୍ତର ମାଇନା କରାଯିବା ପରେ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ ।

# ଅସଂପୂର୍ଣ୍ଣ ରାସ୍ତାରେ ଟୋଲ ଆଦାୟକୁ ନେଇ ବଢୁଛି ଅସନ୍ତୋଷ

କେନ୍ଦୁଝର,(ପିଏନ): ଜାତୀୟ ରାଜପଥ ୨୦ ସଂପ୍ରସାରଣ କାର୍ଯ୍ୟ ଗାୟତ୍ରୀ କନଷ୍ଟ୍ରକସନକୁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଚୁକ୍ତିନାମା କରାଯାଇ ନୂତନ ଭାବେ ନିର୍ମାଣ ପାଇଁ ଦିଆଯାଇଥିଲା । ଏହା ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ୧୬୬.୧୭୩ କିଲୋମିଟର ରାସ୍ତା ବୋଲି ଜଣାଯାଇଛି । ତେବେ ରାସ୍ତା ସଂପୂର୍ଣ୍ଣ ହୋଇନଥିବାବେଳେ ଗତ ୨୦୧୭ ମସିହ ଅଗଷ୍ଟ ମାସରେ କେନ୍ଦୁଝର ଜିଲ୍ଲାରେ ତିନୋଟି ସ୍ଥାନ ଆନନ୍ଦପୁର ଉପକଣ୍ଠ ହସନପୁର,କେନ୍ଦୁଝର ଉପକଣ୍ଠ ଢ଼େଙ୍କିକୋଟ ନିକଟସ୍ଥ ଖଂଟଘର ଓ ବନାଯୋଡିଠାରେ ତିନୋଟି ଟୋଲଗେଟ ସ୍ଥାପନ କରାଯାଇ ଟୋଲ ଆଦାୟ ଆରମ୍ଭ କରା ଯାଇଥିଲା । ଏହି ଟୋଲ ଆଦାୟ ପାଇଁ ସାଇ ମା' ତାରିଣୀ ଟୋଲୱେଜ ଲିମିଟେଡ ନାମକ କମ୍ପାନୀ ୨୪ବର୍ଷ ପର୍ଯ୍ୟନ୍ତ ଟୋଲ ଆଦାୟ କରିବାର ଚୁକ୍ତିନାମା କରିଛି । ତିନୋଟି ଯାକ ଟୋଲଗେଟରେ ବିଭିନ୍ନ ଗାଡି ନିମନ୍ତେ ଭିନ୍ନ ଭିନ୍ନ ଦରରେ ଟୋଲ ଆଦାୟ କରାଯାଉଛି । ତେବେ ରାସ୍ତା ସଂପୂର୍ଣ୍ଣ କରାନଯାଇ ଟୋଲ ଆଦାୟ କରାଯାଉଥିବାବେଳେ ଏହାକୁ ନେଇ ଜିଲ୍ଲାର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢିବାକୁ ଲାଗିଛି । ଏହାକୁ ନେଇ ଅନେକ ଫୋରମରେ ଆଲୋଚନା,ବିତର୍କ ପ୍ରଭୃତି ହେଉଥିବାବେଳେ ଅତୀତରେ ଟୋଲଗେଟକୁ ବିରୋଧ କରି ଆନ୍ଦୋଳନମାନ ହୋଇଛି । ତେବେ ଟୋଲ ଆଦାୟକୁ ବନ୍ଦ କରାଯାଇପାରିନାହିଁ । ଏସଂପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ସହ ଯୋଗାଯୋଗ କରିବାରୁ ଜଣାପଡିଛି ଚୁକ୍ତିନାମା ଅନୁଯାୟୀ ଧାରା ୧୪ର ୩.୨ ଉପଧାରା ଅନୁସାରେ ୭୫ ପ୍ରତିଶତ ରାସ୍ତା ସଂପୂର୍ଣ୍ଣ ହୋଇଥିଲେ ଟୋଲ ଆଦାୟ କରିବାର ନିୟମ ରହିଛି କିନ୍ତୁ ଅନ୍ୟପକ୍ଷେ ବାକିଥିବା କାର୍ଯ୍ୟ ୯୦ଦିନ ମଧ୍ୟରେ ଶେଷ କରିବାର ନିୟମ ଥିଲେ ବି ଇତିମଧ୍ୟରେ ଦୁଇବର୍ଷ ବିତିଗଲାଣି ବର୍ତ୍ତମାନ ସୁଦ୍ଧା ରାସ୍ତା କାର୍ଯ୍ୟ ଅସଂପୂର୍ଣ୍ଣ ହୋଇପଡିଛି । ରାସ୍ତା କାର୍ଯ୍ୟ ବିଓଟି ସ୍କିମରେ ତିଆରି ହେଉଛି । ଇତିମଧ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ୨୦ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ନେଇଥିବା ଠିକା କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଜାରି ରହିଛି । ତେବେ ଟୋଲଗେଟକୁ ଉଚ୍ଛେଦ ପାଇଁ ବିଭିନ୍ନ ରାଜନୈତିକ ଦଳ,ବ୍ୟକ୍ତିବିଶେଷ ଓ ବିଭିନ୍ନ ଫୋରମ ପକ୍ଷରୁ ଅନେକ ସମୟରେ ଦାବୀ ହେଉଥିଲେ ବି ପ୍ରଶାସନ କିମ୍ବା ସରକାର ନୀରବ ରହିବା ଘଟଣା ଜନସାଧାରଣଙ୍କୁ ଚକିତ କରିଛି । ଏହି ଟୋଲଗେଟ ଉଚ୍ଛେଦକୁ ନେଇ ପ୍ରଶାସନର ଭୂମିକା ସ୍ୱଷ୍ଟ ହେଉନଥିବା ଅନେକ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ହେଉଛି । ଅପରପକ୍ଷେ ଦୁଇଟି ଟୋଲଗେଟ ମଧ୍ୟରେ ଦୂରତା ୬୦କିମି ହେବାର ଥିଲେ ବି ଖଂଟଘର ଓ ବନାଯୋଡି ଟୋଲଗେଟ ମଧ୍ୟରେ ଦୂରତା ୬୦କିମିରୁ କମ୍ ହୋଇଥିବାବେଳେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି । ଏହାର ସଠିକ୍ ଉତର ଜାତୀୟ ରାଜପଥ ପ୍ରାଧିକରଣ କିମ୍ବା ପ୍ରଶାସନ ଦେଇପାରୁନାହାଁନ୍ତି । ଏହାର ନିୟମକୁ ନେଇ ଅନେକ ଦ୍ୱନ୍ଦ ଦେଖାଦେଇଛି । ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଡିସେମ୍ବର ୧୯ ତାରିଖରେ କେନ୍ଦୁଝର ଗସ୍ତ ଅବସରରେ ଜିଲ୍ଲାରେ ୨୦ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ ସଂପର୍କରେ ସମୀକ୍ଷା କରିଥିଲେ । ସଂପୂର୍ଣ୍ଣ ଭାବେ ଉକ୍ତ ଜାତୀୟ ରାଜପଥ ୪ ଲେନ୍ ବିଶିଷ୍ଟ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇନଥିବାରୁ ଜାତୀୟ ରାଜପଥ ପ୍ରାଧିକରଣର ଚିଫ ଜେନେରାଲ୍ ମ୍ୟାନେଜର,ଆଇଡିବିଆଇ ଏବଂ ଅନ୍ୟ ୧୮ଟି ବ୍ୟାଙ୍କର ଅଧିକାରୀ,ଠିକାଦାର ଗାୟତ୍ରୀ କମ୍ପାନୀଙ୍କୁ ଭୁବନେଶ୍ୱର ଡକାଯାଇ ୨୪/୧୨/୨୦୧୯ରେ ସମୀକ୍ଷା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ମାତ୍ର ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ତରଫରୁ ହଠାତ୍ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ବାତିଲ କରାଯାଇଥିଲା । ଏହାପରେ କେବେ ପୁଣି ବୈଠକ ହେବ ସେଥିନେଇ ତାରିଖ ଧାର୍ଯ୍ୟ କରାଯାଇନଥିଲା । ଅସଂପୂର୍ଣ୍ଣ ରାସ୍ତା ଯୋଗୁଁ ଦୁର୍ଘଟଣା ବଢୁଥିବାବେଳେ ଜିଲ୍ଲାବାସୀଙ୍କ ଏହି ସମସ୍ୟା ପ୍ରତି ସରକାର କେତେ ସମ୍ବେଦନଶୀଳ ଏଥିରୁ ସ୍ୱଷ୍ଟ ଅନୁମେୟ ବୋଲି ସଦର ବିଧାୟକ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ।

# ବାଉଁଶ ଶିଳ୍ପର ଚାହିଦା କମୁଛି : କାରିଗରଙ୍କୁ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନଥିବା ଅଭିଯୋଗ

ନୂଆପଡା: ଦିନ ଥିଲା ନିଜ ଅଂଚଳର ପ୍ରତ୍ୟେକ ପରିବାର କମାର ଜାତିର ପୁରୁଷ, ମହିଳା ମାନଙ୍କ ଦ୍ୱାରା ବାଉଁଶରୁ ହାତ ତିଆରି କୁଲା, ବାଢୁନ, ଟୋପା, ଭୋଗା, ଧୁକନା, ଟାଙ୍ଗରୀ, ଭୁରକି ଆଦି ଘର ଉପକରଣ ସାମଗ୍ରୀ କିଣି ବ୍ୟବହାର କରୁଥିଲେ । ସେତେବେଳେ ଲୋକଙ୍କ ପାଖରେ ବିକଳ୍ପ ବ୍ୟବସ୍ଥା ନଥିବାରୁ ଲୋକେ ବାଧ ହୋଇ ଏହି ବାଉଁଶ ନିର୍ମିତ ସାମଗ୍ରୀ ଉପରେ ନିର୍ଭର କରୁଥିଲେ । ହେଲେ ଆଧୁନିକ ଯୁଗର ପଦାର୍ପଣ ପରେ ଏବେ ବାଉଁଶ ଶିଳ୍ପର ଚାହିଁଦା ଦିନକୁ ଦିନ କମି ଯାଉଥିବା ଦେଖିବାକୁ ମିଳିଛି । ଲୋକେ ବଜାରରେ ମିଳୁଥିବା ପ୍ଲାଷ୍ଟିକ ତିଆରି ସାମଗ୍ରୀ ସବୁକୁ କିଣି ବ୍ୟବହାର କରୁଥିବା ବେଳେ ବାଉଁଶ ତିଆରି ସାମଗ୍ରୀକୁ ଲୋକେ ମୁହଁ ଫେରାଇବା ଆରମ୍ଭ କରିଦେଲେଣି । ଫଳରେ ବାଉଁଶ ଶିଳ୍ପକୁ ନେଇ ପରିବାର ପ୍ରତିପୋଷଣ କରୁଥିବା ନୂଆପଡା ଜିଲ୍ଲାର କମାର ଜାତି ପରିବାର ଦୁର୍ଦ୍ଦିନରେ ଦିନ କାଟୁଥିବା ଦେଖିବାକୁ ମିଳିଛି । ନୂଆପଡା ଜିଲ୍ଲାର ଖଡିଆଳ ବ୍ଲକ ସମେତ ୪ ଗୋଟି ବ୍ଲକରେ ବସବାସ କରୁଥିବା କମାର ସଂପ୍ରଦାୟର ଲୋକେ ବାଉଁଶ ତିଆରି ସାମଗ୍ରୀକୁ ବିକ୍ରୟ କରି ଭଲ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ । ଏହି ଜାତିର ଲୋକେ ନିକଟସ୍ଥ ବଣ ପାହାଡ, ଜଙ୍ଗଲରୁ କଂଚା ବାଉଁଶ ସଂଗ୍ରହ କରି ବାଉଁଶକୁ ଛୋଟ ଛୋଟ ଖଣ୍ଡ କରି ସେଥିରେ ବିଭିନ୍ନ ଘରକରଣା ସାମଗ୍ରୀ ଯଥା କୁଲା, ବାଢୁନ, ଚାଙ୍କରୀ, ଭୁଗା, ଧୁକନା, ବେଲା, ସିକୁନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରୁଥିଲେ । ସୁକ୍ଷ୍ମ କାରିଗରୀ ସହ ସାମଗ୍ରୀକୁ ଅଧିକ ଆକୃଷ୍ଟ କରିବା ପାଇଁ ମଝିରେ ମଝିରେ ବିଭିନ୍ନ ରଙ୍ଗ ବୋଳା ବାଉଁଶ ପାତି ମଧ ଖଞ୍ଜିଥାନ୍ତି । ସାମଗ୍ରୀ ପ୍ରସ୍ତୁତ ହେଲା ପରେ ତାକୁ ବିଭିନ୍ନ ଅଂଚଳକୁ ଯାଇ ବୁଲି ବୁଲି ବିକ୍ରୟ କରିଥାନ୍ତି । ପୁଣି ଏହି ସାମଗ୍ରୀକୁ ବିଭିନ୍ନ ବଜାର ମାନଙ୍କରେ ଯାଇ ବିକ୍ରୟ କରିଥାନ୍ତି । ଆଗ୍ରହୀ ଗ୍ରାହକ ମାନେ ବାଉଁଶ ତିଆରି ସାମଗ୍ରୀ କିଣି ଘରକୁ ନେଇଥାନ୍ତି । କିଛି ଗ୍ରାହକ ମୂଲଚାଲ କରି ମଧ ସାମଗ୍ରୀ କିଣିଥାନ୍ତି । ତେବେ ଆଧୁନିକତାର ପ୍ରଭାବ ସହ ଲୋକଙ୍କ ଚାଲିଚଳଣି ବଦଳିବାରେ ଲାଗିଛି । ଫଳରେ ଅନେକ ପରିବାର ବାଉଁଶ ତିଆରି ସାମଗ୍ରୀକୁ କିଣିବାକୁ ଆଉ ପସନ୍ଦ କରୁନାହାନ୍ତି । ବାଉଁଶ ତିଆରି ସାମଗ୍ରୀ ବଦଳରେ ସୁନ୍ଦର ଦେଖାଯାଉଥିବା ପ୍ଲାଷ୍ଟିକ ତିଆରି ସାମଗ୍ରୀକୁ କିଣି ଘରକୁ ଆଣୁଛନ୍ତି । ପ୍ଲାଷ୍ଟିକ ସାମଗ୍ରୀ ସୁନ୍ଦର ଦେଖାଯିବା ସହ ଅଧିକ ଦିନ ଧରି ବ୍ୟବହୃତ ହେଉଥିବା ବେଳେ ବାଉଁଶ ତିଆରି ସାମଗ୍ରୀ କମ୍ ଦିନ ମଧରେ ଖରାପ ସହ ଭାଙ୍ଗି ଯାଇଥାଏ । ଫଳରେ ଲୋକେ ପ୍ଲାଷ୍ଟିକ ସାମଗ୍ରୀକୁ ଅଧିକ ମାତ୍ରାରେ କିଣି ବ୍ୟବହାର କରିଥାନ୍ତି । ହେଲେ ପୂର୍ବଭଳି ଚାହିଦା ନଥିଲେ ମଧ ନୂଆପଡା ଜିଲା ସହ ପଶ୍ଚିମ ଓଡିଶାର ଲୋକେ ବିବାହ, ବ୍ରତ ମାନଙ୍କରେ ବାଉଁଶ ତିଆରି ସାମଗ୍ରୀ କିଣି ବ୍ୟବହାର କରୁଛନ୍ତି । ଅନ୍ୟପକ୍ଷରେ ବାଉଁଶ ତିଆରି କାମ କରୁଥିବା କାରିଗର ମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁନଥିବା ସେମାନେ ଅଭିଯୋଗ କରୁଛନ୍ତି । ଯେଉଁ ମାତ୍ରାରେ ବାଉଁଶ ତିଆରି ସାମଗ୍ରୀରେ ଏମାନଙ୍କ ପରିଶ୍ରମ ରହିଛି, ସେହି ମାତ୍ରାରେ ସେମାନଙ୍କୁ ପାରିଶ୍ରମିକ ମିଳୁନଥିବା ଜଣାପଡିଛି । ଫଳରେ ଏହି ସଂପ୍ରଦାୟର କୌଳିକ ବୃତି ରୂପେ ପରିଚିତ ବାଉଁଶ କାମ ଛାଡିବାକୁ କିଛି ପରିବାର ଅମଙ୍ଗ ହୋଇ ପଡିଛନ୍ତି । ପୁଣି କିଛି ପରିବାର ବାଉଁଶ ସାମଗ୍ରୀର ଚାହିଦା ଦିନକୁ ଦିନ କମି ଯାଉଥିବାରୁ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳିଛି । ସରକାର କମାର ସଂପ୍ରଦାୟଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରିବାର ଆବଶ୍ୟକତା ରହିଛି । ଅନ୍ୟଥା ଏସହି ସଂପ୍ରଦାୟର କୌଳିକ ବୃତି ଆଗାମୀ ଦିନରେ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

ନୂଆପଡା: ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବିରିଘାଟ ପଂଚାୟତର କୁଶମାଲ ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ଠାରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମସାରା ବୁଲି ଅଭିଭାବକ-ଅଭିଭାବିକା ମାନଙ୍କୁ ସଚେତନ କରିଥିଲେ । ଏଥିରେ ବିଜେଡି ନେତ୍ରୀ ମମତା ମଞ୍ଜରୀ ଥପା ଯୋଗଦାନ କରି ଶିକ୍ଷକ-ଅଭିଭାବକଙ୍କ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଶିକ୍ଷକ ନରହରି ସଗରିଆ, ସହ ଶିକ୍ଷକ ଗୁପ୍ତେଶ୍ୱର ଦଣ୍ଡସେନା, ଅନିଲ କୁମାର ଦୀପ, ସଞ୍ଜିବ ଯୋଶୀ, ଜୟାନନ୍ଦ ଭୋଇ, ସବିତା ପାଣିଗ୍ରାହୀ, ପୁଷ୍ପା ପଟ୍ଟନାୟକ, ଜ୍ୟୋତିରେଖା ଦାସ, ମଧୁସ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ । ସେହିପରି ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ସ୍ଥିତ ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଅଭିଭାବକ-ଶିକ୍ଷକ ସମ୍ମିଳନୀରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀଶ ପ୍ରସାଦ ଖାମାରୀ, ସିଆରସିସି ପ୍ରଶାନ୍ତ କୁମାର ପଣ୍ଡା ଯୋଗଦାନ କରିଥିଲେ । ଅନୁରୂପ ଭାବେ ଲୋହରାପାଲି ପଂଚାୟତ ହାଇସ୍କୁଲ ଠାରେ ଅନୁଷ୍ଠିତ ଶିକ୍ଷକ-ଅଭିଭାବକ ସମ୍ମିଳନୀରେ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଣ୍ଡା ଅଧକ୍ଷତା କରିଥିଲେ । ଏହି ଅବସରରେ ପରୀକ୍ଷାର ଫଳାଫଳ, ମୋ ସ୍କୁଲ ଅଭିଯାନ, ଗାରିମା ଆୱାର୍ଡ, ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ, ଉତଥାନ, ଉତ୍କର୍ଷ, ସନ୍ଦେହ ମୋଚନ କ୍ଲାସ, ଏଡପସନ, ବୋର୍ଡ ପରୀକ୍ଷା ବିଷୟରେ ଆଲୋଚନା ହୋଇଥିଲା । ଶିକ୍ଷକ ଅଲେଖ ବାରିକ, ଶିକ୍ଷୟିତ୍ରୀ ସୁନୟନା ପଣ୍ଡା, ଗୀତାରାଣୀ ଯୋଷୀ, ମମତା ପତି, ଲୋକନାଥ ବେହେରା, ନରେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଜିଲ୍ଲାର ଅନେକ ଶିକ୍ଷାନୁଷ୍ଠାନରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି ।

# ସୁସାହିତ୍ୟିକ ହାସ୍ୟମୟୀ ରାଜଙ୍କୁ ଟିକିତାରା ସମ୍ମାନ

କେନ୍ଦୁଝର(ପିଏନ) : ହାଟଡିହି ବ୍ଲକର ଓରାଳି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜଙ୍କୁ ଟିକିତାରା ସମ୍ମାନ ପୁରୀ ନିକଟସ୍ଥ ଚନ୍ଦ୍ରଶେଖର ପୁର ପାଠାଗାର ଠାରେ ଅନୁଷ୍ଠିତ ଟିକିତାରାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଅଛି । ଏହି ଉତ୍ସବରେ କ୍ରୀଷ୍ଣା ମହାପାତ୍ରଙ୍କ ସଭାପତିତ୍ୱରେ ସଚ୍ଚିଦାନନ୍ଦ ମହାପାତ୍ର ଉଦଘାଟକ ରୂପେ ଯୋଗ ଦେଇଥିବାବେଳେ ଡ. କୈଳାସ ଚନ୍ଦ୍ର ଟିକ୍କାୟତରାୟ ମୁଖ୍ୟ ଅତିଥି ଓ ଆଇନଜୀବୀ ସଦାଶିବ ମିଶ୍ର, ହେମନ୍ତ କୁମାର ଛୋଟରାୟ, ପୌର୍ଣ୍ଣମାସୀ ଦେବୀ, ବିଜୟ କୁମାର ପଣ୍ଡା, ଶରତ ଚନ୍ଦ୍ର ସାହୁ ଓ ଚନ୍ଦ୍ରଶେଖର ମହାରଣା ଆଦି ଯୋଗ ଦେଇଥିଲେ । ବାର୍ଷିକ ମୁଖପାତ୍ର ଟିକିତାରା ଓ ଶ୍ରୀଲେଖାର ପଂଚକଲମ ସଂକଳନ ଗୁଡ଼ିକ ଲୋକାର୍ପଣ କରାଯାଇଥିଲା । ଏହି ସଭାରେ ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜଙ୍କୁ ସାହିତ୍ୟରେ ପାରଦର୍ଶିତା, ଆଦର୍ଶ ଶିକ୍ଷୟିତ୍ରୀ ଓ ସମାଜ ଗଠନରେ ଭୂମିକା ପାଇଁ ଟିକିତାରା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମୟରେ ରାଜ୍ୟର ବିଭିନ୍ନ ଜିଲାରୁ ସୁସାହିତ୍ୟ ରଚନା, ସୁଶିକ୍ଷକତା ଓ ସମାଜ ଗଠନରେ ବ୍ରତୀ ଥବା ୨୫ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିଙ୍କ ଦ୍ୱାରା ବର୍ଣ୍ଣବୋଧର ଗୁରୁତ୍ୱ ସାହିତ୍ୟର ମର୍ଯ୍ୟାଦା, ବ୍ୟକ୍ତି ସମାଜର ଉନ୍ନତିରେ ଭାଷା ସାହିତ୍ୟର ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ଉତ୍ସବ ପ୍ରାରମ୍ଭରେ ଅନୁଷ୍ଠିତ କବିତା ଆସରରେ ନାରାୟଣ ଚନ୍ଦ୍ର ସେନାପତି, ବିଜୟଲକ୍ଷ୍ମୀ ଦାଶ, ହରପ୍ରିୟା ମୁଦୁଲି, ସର୍ବାଣୀ ମିଶ୍ରଙ୍କ ସଂଯୋଜନାରେ ୬୦ରୁ ଉର୍ଦ୍ଧ୍ୱ ଶିଶୁ କିଶୋର କବିତା ପାଠ କରାଯାଇ ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା । ଐଶ୍ୱର୍ଯ୍ୟା ଦାଶ, ସଂଘମିତ୍ରା ବାରିକ, ପ୍ରିୟଙ୍କା ପାତ୍ର, ସୁନିଲ ବେହେରା ଓ ଶୁଭମ୍ ଦାସଙ୍କ ପରି କୋମଳମତୀ ବାଳକ ବାଳିକାଙ୍କ ଦ୍ୱାରା ଅଭିନବ ଆବାହନୀ ସଂଗୀତଗାନ ସଭିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସର୍ବଶେଷରେ ସମ୍ପାଦକ ବିପିନ ବିହାରୀ ଦଳେଇ ସାହିତ୍ୟ ସଂସ୍କୃତିର ସଂହତିପୂର୍ଣ୍ଣ ଆଶୀର୍ବଚନ ପ୍ରଦାନ କରିବା ସଙ୍ଗେସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ।

### ସୋର ପୋଲିସର ନିଷ୍କ୍ରିୟତା

# ୨ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଅପହରଣ ହୋଇଥିବା ନାବାଳିକାର ପତା ମିଳୁନି, ଆତ୍ମାହୁତି ଦେବାକୁ ଚେତାବନୀଂଟ

କେନ୍ଦୁଝର(ପିଏନ): ହାଟଡିହୀ ବ୍ଲକ ବଡରମ୍ଭାସ ଗ୍ରାମର ଭଗବାନ ରଣାଙ୍କ ଝିଅ ଦୀର୍ଘ ୨ମାସରୁ ଉର୍ଦ୍ଧ୍ୱ ହେବ ଅପହରଣ ହୋଇଥିବା ବେଳେ ପ୍ରଶାସନର ଅବହେଳା ଯୋଗୁଁ ଅପହରଣ ହୋଇଥିବା ନାବାଳିକାକୁ ଏ ପର୍ଯ୍ୟନ୍ତ ଉଦ୍ଧାର କରାଯାଇ ନାହିଁ ଏବଂ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ତେଣୁ ଅସହାୟ ବାପା ମା' କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ ଓ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ପାଖରେ ଗୁହାରି କରିଥିଲେ ମଧ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏହାର ଶୁଣାଣି କରି ବାଲେଶ୍ୱର ଏସ୍‌ପିଙ୍କୁ ରେଫର କରିଛନ୍ତି । ପୋଲିସ୍ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ନାବାଳିକା ଜୀବିତ କି ମୃତ ? ପରିବାର ଲୋକଙ୍କୁ ନ୍ୟାୟ ମିଳିବ କେବେ ? ଅଭିଯୋଗ ଅନୁଯାୟୀ ଝିଅକୁ ବହୁ ଖୋଜାଖୋଜି କରିବା ପରେ ଜାଣିବାକୁ ପାଇଲେ ଯେ ନୂଆରମ୍ଭାସ ଗ୍ରାମର ସନ୍ତୋଷ ଖୁଂଟିଆଙ୍କ ପୁଅ ଶାନ୍ତନୁ ଖୁଂଟିଆ ବଳ ପୂର୍ବକ ନାବାଳିକାକୁ ଅପହରଣ କରି ନେଇଛନ୍ତି । ଏ ଘଟଣାକୁ ନେଇ ଭଗବାନ ରଣାଙ୍କ ପୁଅ ଅଭିଷେକ ରଣା ସୋର ଥାନାରେ ଅଭିଯୁକ୍ତ ଶାନ୍ତନୁ ଖୁଂଟିଆ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଏତଲା ଦେଇଥିଲେ । ଉକ୍ତ ଏତଲାଟିକୁ ସୋର ଥାନା ପକ୍ଷରୁ ରେଜେଷ୍ଟ୍ରି କରାଯାଇ କେସ୍ ନଂ ୪୮୯/୨୦୧ରେ ସୋର ଥାନା ପୋଲିସ ନନ୍ଦିପଦା ଥାନା ଆଇଆଇସିଙ୍କ ସହାୟତାରେ ଅଭିଯୁକ୍ତଙ୍କ ଘରକୁ ଯାଇ ଅପହରଣ ନାବାଳିକା ସମ୍ବନ୍ଧରେ ତଦନ୍ତ କରିଥିଲେ । ହେଲେ ଏ ପର୍ଯ୍ୟନ୍ତ ୨ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ଅଭିଯୁକ୍ତ କିମ୍ବା ତାଙ୍କ ପରିବାର ଲୋକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ପୋଲିସ ନିରବଦ୍ରଷ୍ଟା ସାଜିଛି । ନାବାଳିକାର ବାପା ଭଗବାନ ରଣା ବାଲେଶ୍ୱର ଏସ୍‌ପିଙ୍କୁ ତା-୦୧.୧୧.୨୦୧୯ରେ ଏକ ଲିଖିତ ଅଭିଯୋଗ କରିଥିଲେ ଏବଂ ତା ୦୮.୧୧.୨୦୧୯ରେ ଶିଶୁ ସୁରକ୍ଷା କମିଶନରଙ୍କୁ ମଧ ଏକ ଲିଖିତ ଅଭିଯୋଗ କରିଥିଲେ । ତା-୦୩.୧୧.୨୦୧୯ରେ ଆନନ୍ଦପୁର ଏସ୍‌ଡିପିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ବେଳେ ଅପହରଣ ନାବାଳିକାକୁ ଏ ପର୍ଯ୍ୟନ୍ତ ଉଦ୍ଧାର କରାଯାଇ ନାହିଁ କିମ୍ବା ଅଭିଯୁକ୍ତ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ମୋ ସରକାରରେ ଅଭିଯୋଗ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଣ୍ଡିମ ପିଟୁଥିବା ବେଳେ ଅପହରଣ ନାବାଳିକାର ବାପା ସେଠାରେ ମଧ ଅଭିଯୋଗ କରିଥିଲେ । ହେଲେ ଫଳ ଶୁନ । ସତେ ଯେମତି ଏଠାରେ ମୋ ସରକାର ଯୋଜନା ବାଟବଣା ହୋଇଛି । ସରକାର ନାରୀକୁ ସୁରକ୍ଷା ଦେବା କଥା କେବଳ ଭାଷଣରେ ସୀମିତ ରହିଯାଇଛି । ଅଭିଯୁକ୍ତ ଓ ଅଭିଯୁକ୍ତର ପରିବାର ଲୋକେ ଖୋଲାଖୋଲି ଭାବେ ବୁଲୁଥିବା ବେଳେ ଅପହରଣ ହୋଇଥିବା ନାବାଳିକାର ପରିବାର ପ୍ରଶାସନ ପାଖକୁ ଦୌଡି ଦୌଡି ନିରାଶ ଓ ହତାଶ ହେବାପରେ ଶେଷରେ ନ୍ୟାୟନ ନମିଳିଲେ ଆତ୍ମାହୁତି ଦେବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ତୁରନ୍ତ ଅଭିଯୁକ୍ତ ଓ ତାର ପରିବାର ଲୋକଙ୍କୁ ଗିରପ କରାଯାଇ ଅପହରଣ ହୋଇଥିବା ନାବାଳିକାକୁ ଉଦ୍ଧାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଫୁଲବାଣୀରେ ଜୀବିକା ମିଶନର ବିଶାଳ ସମନ୍ୱୟ ମେଳା ଅନୁଷ୍ଠିତ

କନ୍ଧମାଳ : ଫୁଲବାଣୀ ବ୍ଲକ ଅଂଚଳରେ ଥିବା ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀମାନଙ୍କର ଏକ ମେଗା ସମନ୍ୱୟ ମେଳା ଫୁଲବାଣୀ ପଂଚାୟତ ସମିତି ଏବଂ ଓଡିଶା ଜୀବିକା ମିଶନର ଆୟୋଜନରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନି କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ମକରଧ୍ୱଜ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଓଡିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ଅଧିକାରୀ ସନ୍ତୋଷ କୁମାର ରଥ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ରଞ୍ଜିତ କୁମାର ସାମନ୍ତରାୟ, ଏଫଆଇସି ଓଏଲଏମ ଅଭିରାମ ନନ୍ଦ, ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ସୁବର୍ଣ୍ଣମାଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହାସହ ଷ୍ଟେଟବ୍ୟାଙ୍କ ଆଂଚଳିକ ଶାଖାର ମୁଖ୍ୟ ପରିଚାଳକ ଜି.ସି ହାଁସଦା, ଫୁଲବାଣୀ ମୁଖ୍ୟ ଶାଖାର ଶାଖା ପରିଚାଳକ ବାଳକୃଷ୍ଣ ନାୟକଙ୍କ ସମେତ ଫୁଲବାଣୀର ସମସ୍ତ ବ୍ୟାଙ୍କର ଶାଖା ପରିଚାଳକ ମାନେ ଯୋଗ ଦେଇଥିଲେ । ଏହି ମେଳାରେ ବିଭିନ୍ନ ବ୍ୟାଙ୍କ ମାନଙ୍କ ଦ୍ୱାରା ଫୁଲବାଣୀ ବ୍ଲକ ଅଂଚଳର ୧୧୭ ଟି ସ୍ୱଂୟ ସହାୟୀକା ଗୋଷ୍ଠୀକୁ ଏକ କୋଟି ଅଶି ଲକ୍ଷ ଟଙ୍କାର ଋଣ ପ୍ରଦାନ ପାଇଁ ଅନୁମୋଦନ ପତ୍ର ପ୍ରଦାନ କରାଗଲା । ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ଫୁଲବାଣୀ ବ୍ଲକକୁ ଓଏଲଏମ ଜରିଆରେ ୩୯୫ଟି ଗୋଷ୍ଠୀକୁ ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଆଜିର ଏହି ମେଳା ଜରିଆରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇଥିବାରୁ ସମସ୍ତ ବ୍ୟାଙ୍କ ଏବଂ ଓଡିଶା ଜୀବିକା ମିଶନର ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ସୁଶ୍ରୀ ସବିତା ସୁବୁଦ୍ଧି ଓ ସମସ୍ତ କର୍ମଚାରୀଙ୍କୁ ଫୁଲବାଣୀ ବିଡିଓ ସାଧୁବାଦ ଦେଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଋଣଗ୍ରହିତା ଗୋଷ୍ଠୀମାନଙ୍କୁ ଏହି ଋଣ ଟଙ୍କାର ସଦଉପଯୋଗ କରି ନିଜେ ଲାଭାନ୍ୱିତ ହେବାସହ ବ୍ୟାଙ୍କର ଋଣ ଟଙ୍କା ଠିକ୍ ସମୟରେ ପରିଶୋଧ କଲେ ସେମାନଙ୍କର ବ୍ୟାଙ୍କ ସୁଧ ଟଙ୍କା ସେମାନଙ୍କ ଜମାଖାତାକୁ ଫେରିଆସିବ ବୋଲି ଉପଦେଶ ଦେଇଥିଲେ । ବ୍ୟାଙ୍କ ଅଧିକାରୀମାନେ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବିମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେସନ ଯୋଜନା ବାବଦରେ ଆଲୋକପାତ କରିଥିଲେ । ଏହି ଅବସରରେ ପଂଚାୟତ ସମିତି ତରଫରୁ ଶ୍ରେଷ୍ଠ ଗୋଷ୍ଠୀ ସାଧନ ସହାୟୀକା (ସିଆରପି)ଅନିତା କହଁର, ଶ୍ରେଷ୍ଠ ବ୍ୟାଙ୍କ ମିତ୍ର ଭାବେ ଲଇମା ବେହେରା ଓ ଶ୍ରେଷ୍ଠ ଏମ.ବି.କେ(ଖାତା ପରିଚାଳିକା) ଭାବେ ଶ୍ରୀମତୀ ରଶ୍ମିତା ଦିଗାଲ(ମିଣିଆ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ପରିଚାଳିକା ସବିତା ସୁବୁଦ୍ଧି ପରିଚାଳନା କରିଥିଲେ ।

# ଯୁବକଙ୍କୁ ହତ୍ୟା, ପାଳ ପକାଇ ଶବ ଜାଳିଦେବାକୁ ଉଦ୍ୟମ

ଗଞ୍ଜାମ: ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସୁନାପଲ୍ଲୀ ଗ୍ରାମରେ ଘଟିଯାଇଛି ଏକ ଦୁଃଖଦ ଘଟଣା । ଦୁର୍ବୃତ ମାନେ ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ପାଳ ପକାଇ ଜାଳି ଦେବାକୁ ଉଦ୍ୟମ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ମୃତକ ହେଲେ ନିକଟସ୍ଥ ଆଠଗଡ଼ ପାଟଣା ଗ୍ରାମର କାଳିଆ ଦାସ ବୋଲି ଜଣାପଡିଛି । ଆଜି ସକାଳେ ଘଟଣାସ୍ଥଳରେ ଜଣେ ବ୍ୟକ୍ତି ପୋଡ଼ି ଯାଉଥିବା ଦେଖି ଗ୍ରାମବାସୀ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ଆସି ନିଆଁ ଲିଭାଇବା ସହ କବିସୂର୍ଯ୍ୟନଗର ପୋଲିସ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି । ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଚଳାଇଛି । ତେବେ ତାଙ୍କ ମୁହଁକୁ ପଥରରେ ଛେଚି ବିକୃତ କରାଯାଇଥିବାରୁ ପ୍ରଥମେ ଶବ ଚିହ୍ନଟ କରିବା ପୋଲିସ ପାଇଁ କଷ୍ଟକର ବ୍ୟାପାର ହୋଇଥିଲା । ହେଲେ ପରବର୍ତ୍ତି ସମୟରେ ମୃତ ଯୁବକଙ୍କ ପରିବାର ଲୋକେ ଶବ ଚିହ୍ନଟ କରିବା ସହ ହତ୍ୟା ଅଭିଯୋଗ ଆଣିଛନ୍ତି । ଦୁର୍ବୃତ ମାନେ ତାଙ୍କୁ ହତ୍ୟା ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ପୋଡି ଦେବାକୁ ଉଦ୍ୟମ କରିଥିବା ଏବଂ ଗାଁ ଲୋକେ ଆସିଯିବାରୁ ଘଟଣାସ୍ଥଳ ଛାଡି ଚାଲିଯାଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ କିଏ ଓ କାହିଁକି କାଳିଆଙ୍କୁ ହତ୍ୟା କରିଛି । ହତ୍ୟାକାଣ୍ଡ ପଛରେ କାରଣ କ'ଣ ରହିଛି ପୋଲିସ ସେନେଇ ଛାନଭିନ୍ ଆରମ୍ଭ କରିଛି ।

# ନୂଆରମ୍ଭାସର ବିବେକାନନ୍ଦ ପାଠକ ମଂଚର ପଂଚଦଶ ସ୍ୱନକ୍ଷତ୍ର ଉତ୍ସବ ପାଳିତ

କେନ୍ଦୁଝର : ହାଟଡିହି ବ୍ଲକର ନୂଆରମ୍ଭାସ ବିବେକାନନ୍ଦ ପାଠକ ମଂଚର ପଂଚଦଶ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହେବା ସହିତ ଶ୍ରେଷ୍ଠ ପାଠକ ଚୟନ ଏବଂ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗୀତା ଓ ପୁରସ୍କାର ବିତରଣ ଉତ୍ସବ ନୂଆରମ୍ଭାସ ମଧ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମାଂଚଳରେ ଶିଶୁମାନଙ୍କର ସର୍ଜନଶୀଳତା ତଥା ପଠନ ସ୍ପୃହାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହା ପ୍ରୟାସ କରିଆସୁଅଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ପଂଚଦଶ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଡିସେମ୍ବର ୧୫ ତାରିଖ ଦିନ ଜପିଦାସ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଶ୍ରେଷ୍ଠ ପାଠକ ଚୟନ , ଆଶୁ କବିତା ଲିଖନ, ବକ୍ତୃତା, ଗୀତ, ହାସ୍ୟ-ବ୍ୟଙ୍ଗ ଆଦି ପ୍ରତିଯୋଗୀତା କରାଯାଇଥିଲା । ଏଥିରେ ପାଖାପାଖି ୬୦ ଗୋଟି ସ୍କୁଲର ବଛାବଛା ୩୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଉତ୍ସବରେ ଅନୁଷ୍ଠିତ ଶ୍ରେଷ୍ଠ ପାଠକ ଚୟନ ସାକ୍ଷାତକାର ପରୀକ୍ଷାର ବିଚାରକ ଦାୟିତ୍ୱରେ ପ୍ରଫେସର ଡଃ ବ୍ରଜମୋହନ ମିଶ୍ର ଓ ବରିଷ୍ଠ ଶିଶୁ ସାହିତ୍ୟିକ ଡଃ ରାମଚନ୍ଦ୍ର ନାୟକ । ପାରିମଳ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ବିବୁଧେନ୍ଦୁ ପ୍ରଧାନଙ୍କ ସଂଯୋଜନାରେ ଗଣ ପ୍ରଶ୍ନମଂଚ ଏବଂ ସୃଜନଝର-୨୦୧୯ର ବିଜେତାମାନଙ୍କୁ ନେଇ ଅଧ୍ୟାପକ ସୁଶୀଳ ଶୁଭଦୀପ ନାୟକଙ୍କ ସଂଯୋଜନାରେ ଏକ ବିଶେଷ ଆସର ଅନୁଷ୍ଠିତ ହୋଇଥିଲା । ଏହି ଆସରରେ ସୃଜନଝରର ବିଚାରକ ଖ୍ୟାତନାମା ଗାଳ୍ପିକ ତଥା ବ୍ୟଙ୍ଗକାର ଆର୍ଯ୍ୟ ଯଜ୍ଞଦତ, ସ୍ୱନାମଧନ୍ୟ କବି ଓ ଗାଳ୍ପିକ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଲୋକପ୍ରିୟ କବି ଚିତରଂଜନ ନାୟକ ଉପସ୍ଥିତ ଥିଲେ ଏବଂ ପାଠକ ମଂଚର ବାର୍ଷିକ ଶୀତ ବିଶେଷାଙ୍କ ସର୍ଜନା ଉନ୍ମୋଚିତ ହୋଇଥିଲା । ପରେ ପରେ ଏକ ବିଶେଷ କାର୍ଯ୍ୟକ୍ରମ ଅବସର ପରେ ରେ ଅବସରପ୍ରାପ୍ତ ତିନିଜଣ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ଜେନା, ପ୍ରଦ୍ୟୁମ୍ନ ଧଳ, ଏବଂ ଶିକ୍ଷାଧିକାରୀ ବୈଷ୍ଣବ ଚରଣ ବାରିକଙ୍କୁ ମାନପତ୍ର ଏବଂ ଅଙ୍ଗ ବସ୍ତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ହୋଇଥିଲା । ଏହି ସଭାରେ ଅଭିମନ୍ୟୁ ସାହୁ, ସଞ୍ଜୟ କୁମାର ବାରିକ, ଶାରଦା ପ୍ରସନ୍ନ ଜେନା, ରତ୍ନାକର ରାଉଳ, ପିତାମ୍ବର ପାତ୍ର, ଖଗେଶ୍ୱର ଜେନା, ପିତାମ୍ବର ଆଇଚ, ରବୀନ୍ଦ୍ର କୁମାର ରାଉତ ଓ ଭବାନୀଶଙ୍କର ନାୟକ ଉପସ୍ଥିତ ଥିଲେ । ୨୦୧୯ ଶିକ୍ଷା ବର୍ଷର ଦଶମ ଶ୍ରେଣୀ ହାଇସ୍କୁଲ ପରୀକ୍ଷାରେ ବଡ଼ରମ୍ଭାସ ପଂଚାୟତର ଅଧିକ ନମ୍ବର ରଖିଥିବା ଜପିଦାସ ବିଦ୍ୟାମନ୍ଦିରର ବିଶ୍ୱଜିତ ସ୍ୱାଇଁ ଏବଂ ଓଜେଇ ଲ୍ୟାଟେରାଲ ଏଂଟ୍ରି ଓଡ଼ିଶା ଟପର ଭବାନୀ ଶଙ୍କର ବେହେରାଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଶୀର୍ଷ ସ୍ଥାନରେ ଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଓ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ପାଠକ ଭାବେ ଜୁନିୟର ଓ ସିନିୟର ବିଭାଗର ଦେବାଶିଷ ମିଶ୍ର ଓ ବିଭୂଦତ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପାଠକ ମଂଚର ପ୍ରତିଷ୍ଠାତା ତଥା ଆବାହକ ଅଧ୍ୟାପକ ରବିନ୍ଦ୍ର କୁମାର ନାୟକ ମଂଚ ପରିଚାଳନା କରିଥିବା ବେଳେ କେଶବ ଚନ୍ଦ୍ର ବେହେରା, ସନ୍ତୋଷ କୁମାର ପଟ୍ଟନାୟକ, ସୁରେନ୍ଦ୍ର କୁମାର ନାୟକ, ଧ୍ରୁବ ଚରଣ ମହାରଣା, ସୁବାଷ ସାହୁ, ଅମର ସେଠୀ, ମନୋଜ କୁମାର ସେନାପତି, ପରିକ୍ଷିତ ମହାନ୍ତି, ମନମୋହନ ନାୟକ, ମିନାକ୍ଷୀ ମୋନାଲିସା ଜେନା, ଶୁଭଶ୍ରୀ ତନିମା, ହରଦା ପ୍ରସନ୍ନ ବାରିକ, ବିଜୟ ଦାସ, ପ୍ରଶାନ୍ତ ସନ୍ଦବିଗ୍ରହ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

# କାର୍ଯ୍ୟାନୁଷ୍ଠାନ, ସୁରକ୍ଷା ଦାବିରେ ଏସପିଙ୍କୁ ଭେଟିଲେ ପୀଡ଼ିତ ଓ ପରିବାର

କୋରେଇ, (ପିଏନ)-ଯାଜପୁର ଜିଲ୍ଲା ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆମ୍ବୁଲାନ୍ସ ଯୋଗେ ପୀଡିତ ଓ ତାଙ୍କ ପରିବାର ଲୋକେ ପହଂଚି ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ଧନଜୀବନର ସୁରକ୍ଷା ଲୋଡିଛନ୍ତି । ପ୍ରକାଶ ଯେ, ଯାଜପୁରରୋଡ ଆଦର୍ଶ ଥାନା ତଥା ଦାନଗଦି ଫାଣ୍ଡି ଅଧିନସ୍ଥ ସେଲେଇ ଗ୍ରାମର ବନମାଳୀ ମାଝୀଙ୍କ ସ୍ତ୍ରୀ ଟୁନି ମାଝିଙ୍କ ଅଭିଯୋଗ ମୁତାବକ, ଗତ ୨୯ ତାରିଖ ରାତ୍ରୀ ୧୦ଟା ବେଳେ ଦାନଗଦି ବଜାରରୁ ତାଙ୍କ ପୁଅ ମନୋଜ ଘରକୁ ଫେରୁଥିବା ବେଳେ ତାଙ୍କ ଗ୍ରାମର ଚୈତନ୍ୟ ଜେନାଙ୍କ ଦୁଇ ପୁଅ ମହେନ୍ଦ୍ର ଓ ଧର୍ମେନ୍ଦ୍ର ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ମନୋଜର ଡ଼ାହାଣ ଗୋଡ ଓ ଦୁଇ ହାତରେ ଆଘାତ ଲାଗିଥିଲା । ହାତ ଦେଇ ମୁଣ୍ଡକୁ ବଂଚାଇବାକୁ ସକ୍ଷମ ହୋଇଥିଲା ମନୋଜ । ତାର ଚିତ୍କାର ଶୁଣି ଲୋକମାନେ ପହଂଚି ଯିବାରୁ ଅଭିଯୁକ୍ତ ମାନେ ସ୍ଥାନ ଛାଡି ପଳାଇଥିଲେ । ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ୪୭୬/୧୯ ନଂ ରେ ରୁଜୁ କରିଥିଲା । ପୁଣି ୩୧ ତାରିଖ ଦିନ ତାଙ୍କ ଗ୍ରାମର ସୁଦର୍ଶନା ଜେନା ତାଙ୍କ ଘର ପାଖକୁ ଆସି ଏହି ମାମଲାର ସମାଧାନ କରିବାକୁ ଗାଳିଗୁଲଜ କରି ଧମକ ଦେଇଥିଲା । ଏନେଇ ପୁଣି ଅଭିଯୋଗ ପରେ ପୁଲିସ ଏକ ମାମଲା ୪୮୩/୧୯ ରେ ରୁଜୁ କରିଥିଲା । ହେଲେ ନାମକୁ ମାତ୍ର ମାମଲା ରୁଜୁ କରି ହାତବାନ୍ଧି ବସିଛି ପୋଲିସ । ଯାହା ଫଳରେ ଅଭିଯୁକ୍ତ ମାନେ ବାହାରେ ବୁଲୁଥିବାରୁ ତାଙ୍କ ଧନ ଜୀବନ ପ୍ରତି ବିପଦ ରହିଛି । ଏନେଇ ଆଜି ପୀଡ଼ିତ ମନୋଜକୁ ଏକ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ଆଣି ଏସପି ଚରଣ ସିଂହ ମୀନାଙ୍କ ପାଖରେ ପହଂଚି ଥିଲେ । ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ଜୀବନର ସୁରକ୍ଷା ପାଇଁ ଗୁହାରୀ କରିଥିଲେ । ତ୍ୱରୀତ କାର୍ଯ୍ୟାନୁଷ୍ଠାନ ପାଇଁ ଏସପି ତାଙ୍କୁ ପ୍ରତିଶୃତି ଦେଇଥିବା ପରିବାର ପକ୍ଷରୁ କୁହାଯାଇଛି ।




# ସଡ଼କ ଯାତ୍ରା ଓ ମାନସିକ ବିକୃତି



ପ୍ରତିବର୍ଷ ଜାନୁଆରୀ ପ୍ରଥମ ସପ୍ତାହ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଭାବେ ପାଳିତ ହୋଇଥାଏ। ସଡ଼କ ଦୁର୍ଘଟଣା ଓ ସଡ଼କରେ ଯାତ୍ରା ନେଇ ଗାଡ଼ିଚାଳକଙ୍କଠାରୁ ପଦଚାଳକଙ୍କ ପର୍ଯ୍ୟନ୍ତ ସଚେତନତାର ବାର୍ତ୍ତା ଦେବା ପାଇଁ ପ୍ରତିବର୍ଷ ଏହି ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସଡ଼କରେ ଯାତ୍ରା ପାଇଁ ସମସ୍ତଙ୍କୁ ଆନନ୍ଦ ଲାଗେ। ଆକାଶ ପଥରେ ବିମାନ ଯାତ୍ରା ହେଉ ବା ଜଳଯାତ୍ରା ଭାବରେ ଡଙ୍ଗା ବା ବୋଟ୍‌ରେ ନଦୀ ବା ସମୁଦ୍ର ଯାତ୍ରା ଏ ସବୁ ଠାରୁ ସଡ଼କରେ ଯାତ୍ରା କରିବାର ଅନୁଭୂତି ଏକ ସ୍ୱତନ୍ତ୍ର ଥାଏ। କିନ୍ତୁ ଏହି ସୁଖଦ ଅନୁଭୂତିର ଯାତ୍ରା ଯେପରି ମର୍ମାନ୍ତିକ, ଦୁଃଖଦ ଓ ଅଭାବନୀୟ ନ ହୁଏ ଏ ପ୍ରତି ଆମେ ସମସ୍ତେ ସଚେତନ ରହିବା ଅତ୍ୟନ୍ତ ଜରୁରୀ। ସଡ଼କ ଯାତ୍ରା ପାଇଁ ପ୍ରଥମ ବାଧକ ସଂପ୍ରତି ପାଲଟିଛି ବେପରୁଆ ଗାଡ଼ି ଚାଳନା, ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚଲାଇବା ଆଉ ମୋବାଇଲ ଫୋନରେ ସଙ୍ଗୀତ ହେଉ ବା କଥାବାର୍ତ୍ତା ଏଥିରେ ବ୍ୟସ୍ତ ରହିବା ଦ୍ୱାରା ଦୁର୍ଘଟଣା ଭୟାନକ ଭାବେ ଯେଉଁପରି ଭାବେ ବୃଦ୍ଧି ପାଉଛି ତାହା ଏକ ଅତ୍ୟନ୍ତ ଦୁଃଖଦ ପ୍ରସଙ୍ଗ। ସହରୀକରଣକୁ ସଂପ୍ରତି ଗୁରୁତ୍ୱ ଦିଆଯାଉଥିବାରୁ ତଥାକଥିତ ସ୍ମାର୍ଟ ସିଟି ହେଉ ବା ରାଜଧାନୀ ଏପରିକି ବ୍ୟସ୍ତବହୁଳ ସଡ଼କ ପଥ ସହ ଯୋଗାଯୋଗ ରଖିବା ପାଇଁ ସରକାରୀ ମହଲରେ ବ୍ୟାପକ ଭାବରେ ସଡ଼କର ଦ୍ରୁତ ବିକାଶ ପାଇଁ ଗୁରୁତ୍ୱ ଦିଆଯାଉଛି। ତେବେ ନିକଟରେ କାନାଡ଼ାର ବୈଜ୍ଞାନିକମାନଙ୍କ ଏକ ରିପୋର୍ଟ ଆମ ସମସ୍ତଙ୍କୁ ଆନ୍ଦୋଳିତ କରିଛି। ସହରୀକରଣ ବିଶ୍ୱବ୍ୟାପୀ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି ନିଶ୍ଚୟ ଜାତୀୟ ପ୍ରଗତି ଓ ଅଭିବୃଦ୍ଧିର ଏକ ମାନଙ୍କ ଭାବରେ ସଡ଼କ ବିକାଶକୁ ସର୍ବାଦ ଗୁରୁତ୍ୱ ଦିଆଯାଉଛି। ତେବେ କାନାଡ଼ା ବୈଜ୍ଞାନିକମାନଙ୍କ ରିପୋର୍ଟ ଯେତିକି ଉଦ୍‌ବେଗଜନକ ତତୋଧିକ ଦୁଃଖଦାୟକ। ତାଙ୍କ ରିପୋର୍ଟର ତଥ୍ୟ ଅନୁଯାୟୀ ବ୍ୟସ୍ତବହୁଳ ସଡ଼କ ବା ମାତ୍ରାଧିକ ଯାନବାହନ ଗତାଗତ କରୁଥିବା ଏହି ବ୍ୟସ୍ତବହୁଳ ସଡ଼କରେ ଏହାର ନିକଟରେ ରହୁଥିବା ଲୋକମାନଙ୍କର ଅଧିକ ଭାବରେ ମାନସିକ ବିକୃତି ଘଟିବା ସହ ସ୍ମୃତି ଭ୍ରଂଶ ବା ମନେନରହିବା ଭଳି ଶାରୀରିକ ବିକାର ଦେଖାଦେଉଛି। କାନାଡ଼ାର ଓଣ୍ଟାରିଓ ସହରରେ ଦଶ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଅଧ୍ୟୟନରତ ଏକ ରିସର୍ଚ୍ଚ ଗ୍ରୁପ୍ ଅନ୍ୟୁନ କୋଡ଼ିଏ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଶୈଳୀ ଉପରେ ଅନୁଧ୍ୟାନ କରି ଯେଉଁ ରିପୋର୍ଟ ପ୍ରକାଶିତ ହୋଇଛି ତାଙ୍କ ମତରେ ବର୍ଷ ବର୍ଷ ଧରି ସଡ଼କ ନିକଟରେ ବସବାସ କରୁଥିବା ବାସିନ୍ଦାମାନେ ଯେତିକି ପରିମାଣର ଶବ୍ଦ ପ୍ରଦୂଷଣର ଶିକାର ହୁଅନ୍ତି ଏହା ତାଙ୍କ ମାନସିକତାକୁ ଗଭୀର ଭାବେ ପ୍ରଭାବିତ କରିଥାଏ। ସେ ଜଣାଇଛନ୍ତି ଯେ ବସବାସ କରୁଥିବା ଲୋକଙ୍କ ଠାରେ ମାନସିକ ବିକୃତିର ମାତ୍ରା ୮%ରୁ ଊର୍ଦ୍ଧ୍ୱ। ଯଦିଓ ଶହେ ମିଟର ଦୂରତା ଭିତରେ ରହୁଥିବା ଏହି ଲୋକମାନଙ୍କର ମାତ୍ରା ୪%ରୁ କମ୍। ସଡ଼କ ସନ୍ନିକଟରେ ବର୍ଷ ବର୍ଷ ଧରି ଜନ୍ମ ଭିଟାମାଟିରେ ରହୁଥିବା ଲୋକମାନେ ବେଳେବେଳେ ସରକାର ଅଧିଗ୍ରହଣ କରୁଥିବା ଜମି ପାଇଁ ନିଜ ଜମି ଛାଡ଼ିବାକୁ ବାଧ ହୋଇଥାନ୍ତି ଯାହାଦ୍ୱାରା ସେମାନେ କିଛି ଦୂରରେ ନିଜ ବସତି ସ୍ଥାପନ କରିଥାନ୍ତି। ତେବେ ଯେଉଁମାନେ ସଡ଼କ ନିକଟରେ ରହୁଥା'ନ୍ତି ସେମାନେ ମାତ୍ରାଧିକ ଚଳାଚଳ କରୁଥିବା ଯାନବାହାନର ଶବ୍ଦ ଓ ଉତ୍କଟ ଚିତ୍କାର ସୃଷ୍ଟି କରୁଥିବା ହର୍ଣ୍ଣ, ପେଟ୍ରୋଲ, ଡିଜେଲ ଓ ବିଭିନ୍ନ ଇନ୍ଧନ ପୋଡ଼ି ହୋଇ ଯେଉଁ ବିଷାକ୍ତ ଧୂଆଁ ଯଥା: ନାଇଟ୍ରୋଜେନ ଅକ୍ସାଇଡ୍, ସୂକ୍ଷ୍ମ ବିପଜ୍ଜନକ ଓ କ୍ଷତିକାରକ ଆଖିକୁ ଦିଶୁନଥିବା କଣିକାଗୁଡ଼ିକ ସେମାନଙ୍କ ଶ୍ୱାସପ୍ରଶ୍ୱାସକ୍ରିୟାକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ। ଏହା କେବଳ ଶ୍ୱାସପ୍ରଶ୍ୱାସ କ୍ରିୟା ନୁହେଁ ମସ୍ତିଷ୍କର ସ୍ୱାଭାବିକ ପ୍ରକ୍ରିୟାକୁ କ୍ରମଶଃ ପ୍ରଭାବିତ କରି ଏକ ପ୍ରକାର ଶିଥିଳ କରିବାକୁ ଲାଗିଥାନ୍ତି। ଯାହାଦ୍ୱାରା ସେମାନେ ବିଭିନ୍ନ ମାନସିକ ବିକୃତିର ଶିକାର ହୋଇଥାନ୍ତି। ମାନସିକ ଅବସାଦ, ବିକୃତି, ଡିମେନ୍‌ସିଆ ଏହାର କାରଣ ପାଲଟିଥାନ୍ତି। ଲୋକମାନେ ସଚେତନତାର ଅଭାବରୁ ଏ ଦିଗକୁ ପ୍ରଥମରୁ ଅଣଦେଖା କରିବା ଦ୍ୱାରା ପରବର୍ତ୍ତୀ ସମୟରେ ସେମାନେ ଉତ୍କଟ ମାନସିକ ରୋଗର ଶିକାର ହୋଇଥାନ୍ତି। ବର୍ଷ ବର୍ଷ ଧରି ବିପଜ୍ଜନକ ଧୂଆଁ ଓ ଉତ୍କଟ ଶବ୍ଦ ଦିନରାତି ଅହୋରାତ୍ର ସେମାନଙ୍କ ମାନସିକତାକୁ ବିଚଳିତ କରି ବିକୃତିର ଦିଗକୁ ନେଇଥାଏ। ଏପରି କିଛି ରୋଗୀଙ୍କୁ ଆମେ ନିତିଦିନ ସ୍ୱାସ୍ଥ୍ୟପରାମର୍ଶ କାର୍ଯ୍ୟକ୍ରମରେ ଭେଟିଥାଉ। ସେମାନଙ୍କୁ ଚିକିତ୍ସା କରୁ ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ସେମାନଙ୍କୁ ଯଥାର୍ଥ ସଚେତନ ମଧ୍ୟ କରାଯାଇଥାଏ। କେବଳ ସହର ବିକାଶ ନୁହେଁ ଏକ ରାଷ୍ଟ୍ରର ଅଭିବୃଦ୍ଧି ବିକାଶରେ ଉତ୍ତମ ଓ ପର୍ଯ୍ୟାପ୍ତ ସଡ଼କର ଆବଶ୍ୟକତା ରହିଛି। କିନ୍ତୁ ଏ ନିହାତି ଭିତରେ ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ କେହି ଅଣଦେଖା କରିବା ଅନୁଚିତ। ବର୍ଷ ବର୍ଷ ଧରି ଏହି ପ୍ରାଥମିକ ଅବସ୍ଥାର ବିକୃତି ପରେ ଯେଉଁ ମାନସିକ ରୋଗର ଭୟାନକ ରୂପ ଦେଖାଇଥାଏ ତାହା ଅତ୍ୟନ୍ତ ଦୁଃଖଦାୟକ। ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି ହେବା ସହ ସରକାରୀ କ୍ଷେତ୍ରରେ ଏ ଦିଗକୁ ଅଣହେଳା କରିବା ଅନୁଚିତ ନଚେତ ଆଗାମୀ ଦିନରେ ଏ ସଂକ୍ରାନ୍ତୀୟ ମାନସିକ ରୋଗୀମାନଙ୍କ ସଂଖ୍ୟା ଯେଉଁପରି ଉଦ୍‌ବେଗଜନକ ଭାବେ ବଢ଼ିବ ତାହା ସ୍ୱାସ୍ଥ୍ୟଗତ ବ୍ୟବସ୍ଥାକୁ ନିଶ୍ଚିତ ଭାବରେ ପ୍ରଭାବିତ କରିବ।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# କେନ୍ଦ୍ରୀୟ ବ୍ୟାଙ୍କର ଶୀର୍ଷ ପଦରେ ଆଉ ଜଣେ ଓଡ଼ିଆ




ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ କାର୍ଯ୍ୟ କରୁଥିବା ବେଳେ ବିଭୁପ୍ରସାଦ କାନୁନ୍‌ଗୋ ଡେପୁଟି ଗଭର୍ଣ୍ଣର ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ସହିତ ଯୋଗ ଦେଇଛନ୍ତି ଆଉଜଣେ ଓଡ଼ିଆ ମାଇକେଲ ଦେବବ୍ରତ ପାତ୍ର ତାଙ୍କୁ ରିଜର୍ଭ ବ୍ୟାଙ୍କର ନୂଆ ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ରିଜର୍ଭ ବ୍ୟାଙ୍କର ବଡ଼ ପଦ ପଦବୀରେ ଓଡ଼ିଆଙ୍କ ସଂଖ୍ୟା ତିନିକୁ ବୃଦ୍ଧି ପାଇଛି। ସମ୍ପ୍ରତି କେନ୍ଦ୍ରୀୟ ବ୍ୟାଙ୍କରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଶ୍ରୀ ପାତ୍ର ଦାୟିତ୍ୱ ଗ୍ରହଣ ଦିନ ଠାରୁ ତିନିବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ମାଇକେଲ ପାତ୍ର ରେଭେନ୍ସା କଲେଜରୁ ସ୍ନାତକ ଶିକ୍ଷା ଶେଷ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ଶେଷ କରିଥିଲେ। ୧୯୮୪ରେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କରେ ତାଙ୍କ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୯୧ର ବିଦେଶୀ ମୁଦ୍ରା ସଙ୍କଟ ବେଳେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନୂତନ ନିଯୁକ୍ତି ପୂର୍ବରୁ ସେ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟିର ସେ ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିଲେ। ଅର୍ଥନୀତିରେ ଡକ୍ଟରେଟ କରିଥିବା ମାଇକେଲ ଦେବବ୍ରତ ପାତ୍ର ଗତ ତିନୋଟି ମୁଦ୍ରାନୀତି ସମୀକ୍ଷା ବୈଠକରେ ସୁଧହାରରେ ହ୍ରାସ ସପକ୍ଷରେ ଭୋଟ ଦେଇଥିଲେ। ଆର୍ଥିକ କ୍ଷେତ୍ର ନିୟାମକ ନିଯୁକ୍ତି ଅନୁସନ୍ଧାନକାରୀ କମିଟି ଡେପୁଟି ଗଭର୍ଣ୍ଣର ପଦ ଲାଗି ସାତ ଜଣଙ୍କ ନାମ ସର୍ବଶେଷ ତାଲିକାରେ ସାମିଲ କରିଥିବାବେଳେ ଶେଷରେ ମାଇକେଲ ଦେବବ୍ରତ ପାତ୍ରଙ୍କ ନାମ ଚୂଡ଼ାନ୍ତ ହୋଇଥିଲା। ୧୯୮୫ରେ ରିଜର୍ଭ ବ୍ୟାଙ୍କରେ ଯୋଗ ଦେଇ ୨୦୧୪ ଅକ୍ଟୋବରରେ ସେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ବର୍ତ୍ତମାନ ସମୟରେ ରିଜର୍ଭ ବ୍ୟାଙ୍କରେ ତିନିଜଣ ଡେପୁଟି ଗଭର୍ଣ୍ଣର ଅଛନ୍ତି। ସେମାନେ ହେଲେ ବି.ପି.କାନୁନ୍‌ଗୋ, ଏମ୍.କେ. ଜୈନ ଓ ଏନ୍.ଏସ୍.ବିଶ୍ୱନାଥନ୍। ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱାଧୀନ ଭାରତୀୟ ରିଜର୍ଭ ବ୍ୟାଙ୍କରେ ସର୍ବାଧିକ ଚାରି ଜଣ ଡେପୁଟି ଗଭର୍ଣ୍ଣର ରହିପାରିବେ। ୨୦୧୭ ଏପ୍ରିଲ ଠାରୁ ବିଭୁପ୍ରସାଦ କାନୁନ୍‌ଗୋ ରିଜର୍ଭ ବ୍ୟାଙ୍କରେ ଡେପୁଟି ଗଭର୍ଣ୍ଣର ଭାବେ କାର୍ଯ୍ୟ କରୁଛନ୍ତି। ସୂଚନାଥାଉକି ଦୁଇବର୍ଷ ତଳେ ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ଣ୍ଣର ବିରଳ ଆଚାର୍ଯ୍ୟ ସରକାରୀ ହସ୍ତକ୍ଷେପ ପ୍ରସଙ୍ଗ ଉଠାଇଥିଲେ। ଯାହାର ପରିଣତି ସ୍ୱରୂପ ରିଜର୍ଭ ବ୍ୟାଙ୍କ ଓ ସରକାରଙ୍କ ଭିତରେ ରହିଥିବା ସମ୍ପର୍କ ବିଗିଡ଼ି ଯାଇଥିଲା। ଏବଂ ପରିଶେଷରେ ଗଭର୍ଣ୍ଣର ପଦରେ କାର୍ଯ୍ୟ କରୁଥିବା ଓରଜିତ୍ ପଟେଲ ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଇସ୍ତଫା ଦେଇଥିଲେ ଓ ମାତ୍ର ଦୁଇଦିନ ଭିତରେ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରି ତାଙ୍କ ସ୍ଥାନରେ ଶକ୍ତିକାନ୍ତ ଦାସଙ୍କୁ ନୂଆ ଗଭର୍ଣ୍ଣର ଭାବେ ନିଯୁକ୍ତି ଦେଇଥିଲେ। ଶକ୍ତିକାନ୍ତଙ୍କ ଅଧୀନରେ ପ୍ରାୟ ଛଅମାସ କାର୍ଯ୍ୟ କରିବା ପରେ ଗତ ବର୍ଷ ବିରଳ ଆଚାର୍ଯ୍ୟ ଇସ୍ତଫା ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ରିଜର୍ଭବ୍ୟାଙ୍କ ପରି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ କାର୍ଯ୍ୟକ୍ଷେତ୍ରରେ ଓଡ଼ିଆ ମାନଙ୍କ ଯୋଗଦାନ ସେମାନଙ୍କ ବ୍ୟକ୍ତିତ୍ୱ, ପ୍ରଭାବ ଓ ନିଷ୍ଠାକୁ ସୂଚୀତ କରୁଛି। ଏହି ପ୍ରଖ୍ୟାତ ଅର୍ଥନୀତି ବିଶାରଦ ଓଡ଼ିଆ ପୁଅ ଅର୍ଥନୀତିରେ ଅନେକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେଇ କୋଟି କୋଟି ଓଡ଼ିଆଙ୍କ ଆଶା, ଭରଷା ଓ ବିଶ୍ୱାସକୁ ବଢ଼ାଇବାକୁ ନିଶ୍ଚୟ ସକ୍ଷମ ହେବେ। ତାଙ୍କ ନୂଆ କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଉଛୁ।

**ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

# ଘଟଗାଁ, ବାରାହାଟିପୁରା ନୀଳକଣ୍ଠେଶ୍ୱର ମନ୍ଦିରରେ ମକର ମେଳା ଆରମ୍ଭ



କେନ୍ଦୁଝର (ପିଏନ୍): ସାରା ବିଶ୍ୱ ମକର ସଂକ୍ରାନ୍ତି ପାଳନ କରୁଥିବା ବେଳେ ବହୁ ଲୋକ ବିଭିନ୍ନ ମନ୍ଦିରକୁ ଯାଇ ମକର ସଂକ୍ରାନ୍ତିରେ ଅବସରରେ ଦେବାଦେବୀଙ୍କୁ ଦର୍ଶନ କରିଥିଲେ। ତେବେ ଆଦିବାସୀବହୁଳ କେନ୍ଦୁଝର ଜିଲ୍ଲାରେ ମକର ସଂକ୍ରାନ୍ତିକୁ ଏକ ଗଣପର୍ବ ଭାବେ ମାନ୍ୟତା ମିଳିଛି । ମକର ସଂକ୍ରାନ୍ତି ଅବସରରେ ସମଗ୍ର କେନ୍ଦୁଝର ଜିଲ୍ଲା ଉତ୍ସବ ମୁଖରିତ ହୋଇଥାଏ । ମାଘ ମାସର ପ୍ରଥମ ସଂକ୍ରାନ୍ତିକୁ ମକର ସଂକ୍ରାନ୍ତି ଭାବେ ପାଳିତ ହେଉଥିବା ବେଳେ ଘଟଗାଁର ବାରାହାଟିପୁରାରେ ଏହି ପର୍ବ ୧୫ ଦିନ ପର୍ଯ୍ୟନ୍ତ ପାଳିତ ହୁଏ। ଏହି ଅବସରରେ ବାରାହାଟିପୁରା ନୀଳକଣ୍ଠେଶ୍ୱର ଶିବ ମନ୍ଦିରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଭକ୍ତମାନେ ନୀଳକଣ୍ଠେଶ୍ୱରଙ୍କ ଦର୍ଶନ ପରେ ମନ୍ଦିର ତଳେ ଥିବା ଗୁମ୍ଫା (ମକର ବେଢ଼ା) ଭ୍ରମଣ କଲେ ପାପ ଧୋଇ ହୋଇଯାଏ ବୋଲି ଭକ୍ତ ବିଶ୍ୱାସ କରନ୍ତି । ଏଥିସହିତ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ଏଠାରେ ଏକ ମେଳା ଅନୁଷ୍ଠିତ ହୋଇଥାଏ । ଅନ୍ୟପକ୍ଷରେ ଘଟଗାଁ ମା' ତାରିଣୀଙ୍କ ନିକଟରେ ମଧ୍ୟ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ପ୍ରାତଃ ମା'ଙ୍କର ମଙ୍ଗଳ ଆଳତି, ବଡସିଂହାର ବେଶ ଏବଂ ଯଥାରିତି ପୂଜାର୍ଚ୍ଚନା କରାଯିବା ସହିତ ମା'ଙ୍କ ସୁନା ବେଶ ମଧ୍ୟ ଦେହୁରୀମାନଙ୍କ ଦ୍ୱାରା ଅନୁଷ୍ଠିତ କରାଯାଇଥିଲା। ସକାଳୁ ସକାଳୁ ଭକ୍ତମାନେ ମକର ବୁଡ ଦେଇ ମା'ଙ୍କ ଆଶିଷ ଭିକ୍ଷା କରିବାକୁ ହଜାର ହଜାର ସଂଖ୍ୟାରେ ମା' ତାରିଣୀ ମନ୍ଦିରରେ ଦେଖିବାକୁ ମିଳିଥିଲା । ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରାଇବା ସହିତ ମକର ପାଇଁ ସ୍ୱତନ୍ତ୍ର ଭାବରେ ମାଆଙ୍କ ନିକଟରେ ଅରୁଆ ଚାଉଳ ଭୋଗ କରାଯାଇଥିଲା ଏବଂ ମନ୍ଦିର ପରିସରରେ ଏକ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସମ୍ପୂର୍ଣ୍ଣ ଖବର ଅନୁସାରେ ଘଟଗାଁ ଠାରୁ ମାତ୍ର ୧୦ କି.ମି. ଦୂରରେ ଅବସ୍ଥାପିତ ବାରାହାଟିପରା ନୀଳକଣ୍ଠେଶ୍ୱର ଶିବ ମନ୍ଦିର । ଏହି ମକର ସଂକ୍ରାନ୍ତି ଦିନ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ଆବିର୍ଭାବ ହୋଇଥିବା କାରଣରୁ ବହୁ ପୁରାତନ ଦିନରୁ ଏଠାରେ ମହାଆଡମ୍ବର ସହକାରେ ମକର ସଂକ୍ରାନ୍ତି ପାଳିତ ହୁଏ । ଏହି ବାରାହାଟିପୁରା ମକର ମେଳା ଜିଲ୍ଲା ତଥା ଜିଲ୍ଲା ବାହାରେ ବେଶ ପ୍ରସିଦ୍ଧ । ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଶିବ ଭକ୍ତ ଏହି ଠାରେ ମକର ସଂକ୍ରାନ୍ତି ଅବସରରେ ୧୫୨ ପାହାଚ ଚଢ଼ି ପାହାଡ ଉପରେ ଥିବା ବାବା ନୀଳକଣ୍ଠେଶ୍ୱରଙ୍କ ଦର୍ଶନଲାଭ କରିଥାନ୍ତି । ପରେ ପରେ ଭକ୍ତମାନେ ମନ୍ଦିର ତଳେ ମକର ବେଢ଼ା ଭାବେ ପରିଚିତ ଗୁମ୍ଫାରେ ପ୍ରବେଶ କରିଥାନ୍ତି । ଏହି ମକର ସଂକ୍ରାନ୍ତିରେ ମକର ବେଢ଼ା ବୁଲିବା ବେଳେ ଭକ୍ତମାନଙ୍କର ମୁଣ୍ଡରେ ବାବା ନୀଳକଣ୍ଠେଶ୍ୱରଙ୍କ ପାଦୁକା ପଡିଥାଏ। ଫଳରେ





ଭକ୍ତ ମାନଙ୍କର ସମସ୍ତ ପାପ ଧୋଇ ହୋଇଯାଏ ବୋଲି ବିଶ୍ୱାସ ରହିଛି । କିମ୍ବଦନ୍ତୀ ଅନୁଯାୟୀ ରାବଣ ନାମକ ଜଣେ ଶବର ଆଳୁ ଖୋଳୁଥିବା ସମୟରେ ପ୍ରଭୁଙ୍କ ଉପରେ କୋଡି ବାଜିବାରୁ ଶିବ ଲିଙ୍ଗରୁ ରକ୍ତ ସ୍ରାବ ହୋଇଥିଲା ଏବଂ ସେହି ଶବର ସେଠାରେ ଚେତାଶୂନ୍ୟ ହୋଇ ଯାଇଥିଲେ । ପରେ ମହାଦେବଙ୍କ ସ୍ୱପ୍ନାଦେଶ ପାଇ ସେଠାରେ ସେ ଶିବଙ୍କ ପୂଜା ଆରମ୍ଭ କରିଥିଲେ । ତେଣୁ ମକର ସଂକ୍ରାନ୍ତି ଅବସରରେ ପ୍ରଥମେ ଶବରମାନେ ରାତି ୪ ଘଟିକାରୁ ବାବା ନୀଳକଣ୍ଠେଶ୍ୱରଙ୍କ ପୂଜା କରିଥାନ୍ତି ଓ ପରେ ପରେ ପୂଜକମାନେ ସକାଳୁ ସକାଳୁ ବାବା ନୀଳକଣ୍ଠେଶ୍ୱରଙ୍କୁ ସ୍ନାନ କରାଇ ବିଧି ଅନୁଯାୟୀ ପୂଜା କାର୍ଯ୍ୟ କରିଥାନ୍ତି । ତେଣୁ ମକର ସଂକ୍ରାନ୍ତିରେ ଯଥାରିତି ପୂଜାହେବା ପରେ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ମନ୍ଦିର ପରିସରରେ ହୋମ ଯଜ୍ଞ ଓ ଭାଗବତ ପାଠ କରାଯାଇଥିଲା। ଅନ୍ୟପକ୍ଷରେ ଏଠାରେ ୧୫ ଦିନ ଧରି ମକର ମେଳା ପାଳନ କରାଯାଏ। ଏହି ଅବସରରେ ଏଠାରେ ମିନାବଜାର, ଦୋଳି, ବିଭିନ୍ନ ପ୍ରକାରର ଦୋକାନ ବଜାର ଏବଂ ବହୁ ପ୍ରକାରର ଚଟପଟି ଆଇଟମ ଦୋକାନୀମାନଙ୍କର ଧିରେ ଧିରେ ଖୋଲା ହେବାରେ ଲାଗିଛି। ତେବେ ଚାଷ କାମ ସରିଯାଇଥିବାରୁ ଏହି ମକର ସଂକ୍ରାନ୍ତି ଅବସରରେ ବାରାହାଟିପୁରାରେ ୧୫ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳାରେ ପ୍ରଥମ ଦିନରୁହିଁ ଭିଡ ଅନୁଭୂତ ହୋଇଛି। ଏହି ଅବସରରେ ଏଠାରେ ମିନାବଜାର, ଦୋଳି, ବିଭିନ୍ନ ପ୍ରକାରର ଦୋକାନ ବଜାର ଦେଖିବାକୁ ମିଳୁଛି।

# ଦୁଃଖୀରାମ ସ୍ୱାଇଁ



ଗତ ଶତାବ୍ଦୀର ଷଷ୍ଠ ଦଶକରେ ଓଡ଼ିଆ ଚଳଚ୍ଚିତ୍ର ଦୁନିଆରେ ପ୍ରବେଶ କରିଥିଲେ ଦୁଃଖୀରାମ ସ୍ୱାଇଁ। ଅଭିନେତା ଭାବେ ତାଙ୍କର ପ୍ରଥମ ଫିଲ୍ମ 'ଶ୍ରୀ ଲୋକନାଥ' ୧୯୬୦ରେ ମୁକ୍ତିଲାଭ କରିଥିଲା। ତାହା ପରେ 'ମାଟିର ମଣିଷ', 'ଅଦିନ ମେଘ', 'ଯାଯାବର', 'ଶେଷ ଶ୍ରାବଣ', 'ବଳିଦାନ' ଆଦି। ମୁଖ୍ୟତଃ ଖଳନାୟକ ଭୂମିକାରେ ଅଭିନୟ କରି ସେ ପ୍ରସିଦ୍ଧ ହୋଇଥିଲେ। ଅଭିନୟ ପାଇଁ ସେ ପ୍ରଥମେ ପାଇଥିଲେ ସଂଗୀତ ନାଟକ ଏକାଡ଼େମି ପୁରସ୍କାର। ତାହା ପରେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଏବଂ ମରଣୋତ୍ତର ଜୟଦେବ ପୁରସ୍କାର। ଏହି ମହାନ୍ କଳାକାରଙ୍କ ଅଭିନେତା ଜୀବନର ପ୍ରାରମ୍ଭ ମଞ୍ଚରୁ। ସ୍କୁଲରେ ପଢୁଥିବା ବେଳେ ନାଟ, ଯାତ୍ରା ଦେଖିବା ଥିଲା ନିଶା। ଏଥିପାଇଁ ରାତି ଅନିଦ୍ରା ହେଉଥିଲେ। କେତେବେଳେ କୁଆଡ଼େ ଯାଉଥିଲେ ଠିକ୍ ଠିକଣା ନଥିଲା। ଘରେ ଗାଳି ମାଡ଼ ଖାଇବାକୁ ପଡୁଥିଲା। ଆଉ ଅଭିନୟ ନିଶା ହିଁ ତାଙ୍କୁ ଦୂରେଇ ନେଇଥିଲା ପାଠରୁ। ଅଭିନୟ ପାଇଁ ସେ ଘର ଓ ପାଠ ଛାଡ଼ି ଆସିଥିଲେ କଟକ। କବିଚନ୍ଦ୍ର କାଳୀଚରଣଙ୍କ ଓଡ଼ିଶା ଥିଏଟର୍ସ ତାଙ୍କ ଅଭିନେତା ଜୀବନର ଅନ୍ତୁଡ଼ିଶାଳା। କବିଚନ୍ଦ୍ରଙ୍କ ପ୍ରେରଣାରେ ସେ ଅଭିନୟ ସହ ପୁଣି ଥରେ ପଢ଼ା ଆରମ୍ଭ କରି ସଫଳ ହୋଇଥିଲେ। ହେଲେ ପେଟ ପୁରି ନଥିଲା। ତେଣୁ ବାଧ୍ୟ ହୋଇ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ଅର୍ଥ ମିଳିଲା ସତ, ଆତ୍ମସନ୍ତୋଷର ଅଭାବ ତାଙ୍କୁ ବ୍ୟତିବ୍ୟସ୍ତ କଲା। ହୃଦୟର ଆହ୍ୱାନକୁ ଗୁରୁତ୍ୱ ଦେଇ ଯୋଗାଣ ବିଭାଗର ଚାକିରି ଛାଡ଼ିଦେଲେ। ବାସ୍, ତା'ପରଠାରୁ ଆଉ ପଛକୁ ଅନାଇ ନଥିଲେ। ସଦାନନ୍ଦ ନାଟ୍ୟ ନିକେତନ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ସହ ସଂପୃକ୍ତି ତାଙ୍କ ଅଭିନେତା ଜୀବନକୁ ସୁଦୃଢ଼ କରିଥିଲା। ୧୯୯୫ ଜାନୁଆରୀ ୧୮ ତାରିଖରେ ତାଙ୍କର ପରଲୋକ ହୋଇଥିଲା।

**ନାଟ୍ୟସାରଥି ଅଭୟ କୁମାର ଦାସ** ଗୋତରା, ମାହାଙ୍ଗା, କଟକ, ଦରଭାଷ : ୯୪୩୭୧୪୨୭୧୭

# ସଡକ ସୁରକ୍ଷା ନାମକୁ ମାତ୍ର, ଅଧାଗଢା ଜାତୀୟ ରାଜପଥ, ଟୋଲ ଆଦାୟରେ ବ୍ୟସ୍ତ ରାଜପଥ ବିଭାଗ




କେନ୍ଦୁଝର (ପିଏନ୍): ଅଧାଗଢା ଜାତୀୟ ରାଜପଥରେ ପାଦେ ପାଦେ ବିପଦ, କେଉଁଠି ରାସ୍ତା ଦବି ଯାଇଛି ତ କେଉଁଠି ଅଧା ରାସ୍ତା ନିର୍ମାଣ ହୋଇନାହିଁ, ଲୋକେ ନାହିଁ ନଥିବା ହରକତ ହେବାସହ ଧନଜୀବନ ହାନି ଘଟୁଛି । ନାମକୁ ମାତ୍ର ଚାରିଥାକିଆ ରାସ୍ତା କିନ୍ତୁ ବାସ୍ତବ ଚିତ୍ର ପୁରା ଅଲଗା । ଏବେ ବି ଅନେକ ଜାଗାରେ ଦୁଇଥାକିଆ ଅର୍ଥାତ୍ ୱାନ୍ ୱେ ଗୋଟିଏ ପାଖରେ ଉଭୟ ପଟର ଯାନବାହାନ ଚଳାଚଳ କରୁଛନ୍ତି, ପୁଣି ସେସବୁ ଜାଗାରୁ ସତର୍କ ସୂଚନା ବି କୁଆଡେ ଉଭେଇ ଗଲାଣି । ଯାହାଫଳରେ ରାସ୍ତା ଜାଣିନପାରି ଦୁର୍ଘଟଣାମାନ ଘଟୁଛି । ଏପଟେ ପୁଣି ଜାତୀୟ ରାଜପଥ ବିଭାଗ ତରଫରୁ ସଡକ ସୁରକ୍ଷା ଦିବସ ପାଳନ କରାଯାଉଛି । ରାସ୍ତାରେ କିପରି ଦୁର୍ଘଟଣାରୁ ରକ୍ଷା କରାଯାଇପାରିବ ଓ ଦୁର୍ଘଟଣାକୁ କମ୍ କରାଯାଇପାରିବ ସେଥିପାଇଁ ଟ୍ରାଫିକ୍ କଟଟଣା କରାଯାଉଛି । କିନ୍ତୁ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୨୦ନଂ ଜାତୀୟ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ ହୋଇନାହିଁ। ଲୋକମାନେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି । ଏପଟେ ଜାତୀୟ ରାଜପଥ ବିଭାଗ ଖୁବ୍ ଶୀଘ୍ର ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅଦ୍ୟାବଧି ଅନେକ ସ୍ଥାନରେ ରାସ୍ତାର ଗୋଟିଏ ପାର୍ଶ୍ୱ ନିର୍ମାଣ ସରିନାହିଁ । ଆନନ୍ଦପୁର ଅଂଚଳର କୌଣସି ସର୍ଭିସ୍ ରୋଡ୍ ନିର୍ମାଣ କରାଯାଇନାହିଁ। ରାଜପଥର ଜରଦା, ଖଲଣା, ମଛାଲୋ, ବେଲବାହାଲି, ବାରିଗାଁ, ଶାଳପଡା, ଘଷିପୁରା, ଗୋହିରା, ଧକୋଠା, ଦରଖଲା ନିକଟରେ ରାସ୍ତାର ଅବସ୍ଥା ପୁରା ଶୋଚନୀୟ । ରାଜପଥର ଅନେକ ସ୍ଥାନ ଦବି ଯାଇଥିବା ବେଳେ ମରାମତି ନ ହୋଇ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଅଧାଗଢା ରାସ୍ତା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି । ରାଜପଥ ନିର୍ମାଣ ଦାୟୀତ୍ୱ ନେଇଥିବା କମ୍ପାନୀ ୨୦୧୯ସୁଦ୍ଧା ନିର୍ମାଣ କାମ ସାରିବାକୁ ଚୁକ୍ତି କରିଥିବା ବେଳେ କାମ ନ ସାରି କୁଆଡେ ଉଭାନ ହୋଇଯାଇଛି । ଏ ପର୍ଯ୍ୟନ୍ତ କୌଣସି ସ୍ଥାନରେ ଅଧା ପଡିଥିବା ରାସ୍ତା ନିର୍ମାଣ ଆରମ୍ଭ ହୋଇନାହିଁ । ଘଷିପୁରା ଥାନା ସୀମାରେ ଦରଖଲା ନିକଟରେ ରାସ୍ତାରେ ଖାଲ ସୃଷ୍ଟି ହୋଇ ଦୁର୍ଘଟଣାମାନ ଘଟୁଥିବା ସ୍ଥାନୀୟ ଜନସାଧାରଣ କହିଛନ୍ତି । ରାସ୍ତା ଅସମ୍ପୂର୍ଣ୍ଣ ଥିବାବେଳେ କୌଣସି ସ୍ଥାନରେ ସତର୍କ ସୂଚନା ନାହିଁ । ଏପଟେ ରାସ୍ତା ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ରାଜପଥ ବିଭାଗ କେନ୍ଦୁଝର ଜିଲ୍ଲାରେ ଟୋଲ୍ ଆଦାୟ କରୁଥିବା ବେଳେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିବା ପୂରା ଭୁଲି ଯାଇଛି । ଏଥିପ୍ରତି ନିର୍ବାଚନ ଲୋକପ୍ରତିନିଧିମାନେ ମୁହଁ ଖୋଲୁ ନାହାଁନ୍ତି । ରାଜପଥ ବିଭାଗ ମଧ୍ୟ ବାରମ୍ବାର ପ୍ରତିଶ୍ରୁତି ଦେଇ ଠକି ଚାଲିଛି । ପ୍ରଶାସନ ସବୁ ଦେଖି ମଧ୍ୟ ଖାଲି ତାଗିଦ୍ କରି ନିଜ ଦାୟୀତ୍ୱ ଛଡାଇ ଦେଇଛି । ଏଭଳି ସ୍ଥିତିରେ ଜାତୀୟ ରାଜପଥରେ କିଭଳି ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟରେ ରାଜପଥ ବିଭାଗ ୬୦କି.ମି.ରୁ କମ୍ ବ୍ୟବଧାନରେ ଟୋଲ୍ ଟିକସ ଆଦାୟ କରି କେନ୍ଦୁଝରବାସୀଙ୍କ କଟା ଘାରେ ଚୂନ ଦେଲାଭଳି ସାଧାରଣ ଜନତାଙ୍କ ମଧ୍ୟରେ ଆକ୍ରୋଶ ଓ ଅସନ୍ତୋଷ ଦେଖାଦେଇଛି । ଏଥିପ୍ରତି ନିର୍ବାଚନ ପ୍ରତିନିଧି , ରାଜପଥ ବିଭାଗ ଓ ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଅଧାଗଢା ରାସ୍ତାକୁ ନିର୍ମାଣ କରାଯିବାକୁ ଦାବି ହେଉଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ



ସୁସ୍ଥ ଚିନ୍ତାଧାରା ସାଥିରେ ସାଥୀ ହେବାରେ
ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Sunday January 19 | ଭୁବନେଶ୍ୱର | ରବିବାର, ଜାନୁଆରୀ ୧୯ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଫିଟ୍‌ଜୀ ଦ୍ୱାରା ପ୍ରାୟୋଜିତ ଯେକୌଣସି ଆଇଆଇଟିରେ ଶିକ୍ଷା ଲାଭ କରିବାର ସୁଯୋଗ

ଭୁବନେଶ୍ୱର: ଫିଟଜୀର ଅଭିନବ ଉତ୍କୃଷ୍ଟତା ଅଭିଯାନକୁ ୨୦୧୯ରେ ୨୭ ବର୍ଷ ପୂରଣ ହେଉଥିବାରୁ ଭାରତର ପ୍ରତିଭା ମାନଙ୍କ ପାଇଁ ଏକ କ୍ରାନ୍ତିକାରୀ ସେବା 'ଆଇଆଇଟି ଜିନିୟସ୍ ସ୍କଲାରସିପ୍'କୁ ସମର୍ପିତ କରାଯାଇଛି। ଏହା ଅନୁଯାୟୀ ଅଷ୍ଟମ, ନବମ, ଦଶମ ଓ ଏକାଦଶ ଶ୍ରେଣୀର ଶୀର୍ଷ ୧୦ ଜଣ ଛାତ୍ରଛାତ୍ରୀଙ୍କୁ 'ଆଇଆଇଟି ଜିନିୟସ୍ ଟାଇଟଲ' ସମ୍ମାନରେ ସମ୍ମାନିତ କରାଯିବା ସହ ସେମାନେ ଫିଟ୍‌ଜୀ ଦ୍ୱାରା ପ୍ରାୟୋଜିତ ଯେକୌଣସି ଆଇଆଇଟିରେ ନିଜର ଶିକ୍ଷା ହାସଲ କରିପାରିବେ। ଏହି ମେଧାବୃତ୍ତି ସମସ୍ତ ଶିକ୍ଷାଭିତ୍ତିକ ଖର୍ଚ୍ଚ ବହନ କରିବ ଯେଉଁଥିରେ ହଷ୍ଟେଲ ଫି', ଟ୍ୟୁସନ୍ ଫି', ବହି ବାବଦ ଫି' ଓ ଉଚିତ ବ୍ୟକ୍ତିଗତ ଖର୍ଚ୍ଚ ସାମିଲ ରହିଛି। ସେହିପରି ଛାତ୍ରଛାତ୍ରୀ ମାନଙ୍କର ଚୟନ ଆଇଆଇଟି ଜିନିୟସ୍ ପରୀକ୍ଷା ଓ ଏକ ସାକ୍ଷାତକାର ଆଧାରରେ ହେବ; ଯେଉଁଠାରେ ଅଷ୍ଟମ, ନବମ, ଦଶମ ଓ ଏକାଦଶ ଶ୍ରେଣୀର ଶୀର୍ଷ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ଦିଲ୍ଲୀ କିମ୍ବା ହାଇଦ୍ରାବାଦକୁ ଡକାଯିବ। ତେବେ ଆଇଆଇଟି ଜିନିୟସ୍ ବୃତି ଓ ସମ୍ମାନ ପାଇବା ପାଇଁ ଫିଟ୍‌ଜୀର ଛାତ୍ରଛାତ୍ରୀ ହୋଇଥିବା କିମ୍ବା ଫିଟ୍‌ଜୀରେ କୌଣସି ପାଠ୍ୟକ୍ରମରେ ନାମ ଲେଖାଇବାର ଆବଶ୍ୟକତା ନାହିଁ। ଏହି ପରୀକ୍ଷା ଆସନ୍ତା ଫେବୃଆରୀ ୨ ତାରିଖ ରବିବାର ଦିନ ଦେଶବ୍ୟାପୀ ଆୟୋଜିତ ହେବ। ଏହି ପରୀକ୍ଷା ପାଇଁ ପଞ୍ଜୀକରଣ କରାଇବାର ଶେଷ ତାରିଖ ହେଉଛି ୧ ଫେବୃଆରୀ ୨୦୨୦। ଆଶାୟୀ ଛାତ୍ରଛାତ୍ରୀମାନେ ପେପର୍ ଆପ୍ଲିକେସନ ମୋଡ୍ କିମ୍ବା ଅନ୍‌ଲାଇନ୍ ମୋଡ୍ (ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଆଇଆଇଟିଜିନିୟସ୍ ଡଟ୍ କମ୍)ରେ ଏହି ପରୀକ୍ଷା ପାଇଁ ପଞ୍ଜୀକରଣ କରାଇପାରିବେ। ଏହି ପରିପ୍ରେକ୍ଷୀରେ ଫିଟଜୀ ଗ୍ରୁପର ଡ଼ାଇରେକ୍ଟର, ଆର ଏଲ ତ୍ରିଖା କହିଛନ୍ତି ଯେ, 'ଫିଟଜୀ କେବଳ ଲୁକ୍କାୟିତ ପ୍ରତିଭା ମାନଙ୍କୁ ଆଗକୁ ଆଣିପାରିଛି ତାହା ନୁହେଁ ସେ ଆହୁରି ମଧ ସେମାନଙ୍କର ଏକାଡ଼େମିକ୍ ଉତ୍କୃଷ୍ଟତା ପାଇଁ ହାତ ବଢାଇଛି। କର୍ପୋରେଟ ସାମାଜିକ ଦାୟିତ୍ୱବୋଦ୍ଧର ଏକ ଅଂଶ ଅନୁଯାୟୀ ଫର୍ଚ୍ୟୁନେଟ୍ ୪୦ ବହୁ ଲୁକ୍କାୟିତ ପଛୁଆବର୍ଗ ପ୍ରତିଭା ମାନଙ୍କୁ ଚିହ୍ନଟ କରିପାରିଛି। ୨୦୧୭ରେ ଶୁଭାରମ୍ଭ ହୋଇଥିବା ଆଇଆଇଟି ଜିନିୟସ୍ ଭାରତର ପ୍ରକୃତ ଜିନିୟସ୍ ମାନଙ୍କ ଚିହ୍ନଟ ଏବଂ ଆଇଆଇଟିରେ ପଢିବାରେ ସେମାନଙ୍କର ସ୍ୱପ୍ନକୁ ପୂରଣ କରିବା ପାଇଁ ଏକ ପଦକ୍ଷେପ।' ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ଫଳାଫଳ ଆସନ୍ତା ୭ ଫେବୃଆରୀ ୨୦୨୦ (ଦଶମ ଓ ଏକାଦଶ ଶ୍ରେଣୀ ପାଇଁ) ଏବଂ ୮ ଫେବୃଆରୀ ୨୦୨୦ (ଅଷ୍ଟମ ଓ ନବମ ଶ୍ରେଣୀ ପାଇଁ)ରେ ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟ ଫଳାଫଳ ପରେ ଫେବୃଆରୀ ୧୪ ଓ ୧୫ ତାରିଖରେ ହାଇଦ୍ରାବାଦରେ ଏବଂ ଫେବୃଆରୀ ୧୮ ଓ ୧୯ ତାରିଖରେ ଦିଲ୍ଲୀରେ ଏକ ସାକ୍ଷାତକାର ଅନୁଷ୍ଠିତ ହେବ।

## ଫ୍ଲିପ୍‌କାର୍ଟର ରିପବ୍ଲିକ୍ ଡେ' ସେଲ୍‌ରେ ଆକର୍ଷଣୀୟ ମୂଲ୍ୟରେ ସାମ୍‌ସଙ୍ଗର ଦ ଫ୍ରେମ୍ କ୍ୟୁଏଲ୍‌ଇଡି ଟିଭି

ଭୁବନେଶ୍ୱର: ଭାରତର ପ୍ରମୁଖ ତଥା ବିଶ୍ୱସନୀୟ ଉପଭୋକ୍ତା ଇଲେକ୍‌ଟ୍ରୋନିକ୍ସ ଓ ମୋବାଇଲ ଫୋନ୍ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ଆସନ୍ତା ଜାନୁଆରୀ ୧୯ରୁ ଜାନୁଆରୀ ୨୨ ତାରିଖ ପର୍ଯ୍ୟନ୍ତ ଫ୍ଲିପ୍‌କାର୍ଟ ରିପବ୍ଲିକ୍ ଡେ' ସେଲ୍‌ରେ ଆକର୍ଷଣୀୟ ମୂଲ୍ୟରେ ଏହାର ରିଭୋଲ୍ୟୁସ୍‌ନାରୀ ଲାଇଫ୍‌ଷ୍ଟାଇଲ୍ ଟିଭି, ଦ ଫ୍ରେମ୍ କ୍ୟୁଏଲ୍‌ଇଡିର ୫୫ ଇଂଚ୍, ୬୫ ଇଂଚ୍ ବିକ୍ରି ହେବ ବୋଲି ଘୋଷଣା କରାଯାଇଛି। ସୁପିରିୟର ପିକ୍‌ଚର କ୍ୱାଲିଟି ସହ କ୍ୟୁଏଲ୍‌ଇଡି ଟେକ୍ନୋଲୋଜି ପ୍ରଦାନ କରୁଥିବା ଓ ବିଶ୍ୱବ୍ୟାପୀ ୧୨୦୦ରୁ ଅଧିକ ଆର୍ଟୱର୍କ ସହ ଆପଣଙ୍କ ଟିଭିକୁ ଏକ ସୁନ୍ଦର ପିକ୍‌ଚର ଫ୍ରେମରେ ରୂପାନ୍ତର କରୁଥିବା, ଦ ଫ୍ରେମ୍ ୫୫ ଇଂଚ୍ କ୍ୟୁଏଲ୍‌ଇଡି ଟିଭିର ସମସ୍ତ ୟୁନିଟ୍ ସେପ୍ଟେମ୍ବର ୨୦୧୯ରେ ଫ୍ଲିପ୍‌କାର୍ଟରେ ହୋଇଥିବା ପୂର୍ବ ସେଲ୍ ସମୟରେ ଅଫର୍ ପିରିୟଡ ପୂର୍ବରୁ ବିକ୍ରି ହୋଇଥିଲା। ଏହି କାରଣରୁ ସାମ୍‌ସଙ୍ଗ ପୁଣିଥରେ ଲୋକପ୍ରିୟ ଚାହିଦାରେ ଏହାର ବିକ୍ରି ଘୋଷଣା କରିଛି।

# ଅଚ୍ୟୁତ ସାମନ୍ତଙ୍କୁ ସିଏସ୍‌ଆଇ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର



ଭୁବନେଶ୍ୱର : ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କମ୍ପ୍ୟୁଟର୍ ସୋସାଇଟି ଅଫ୍ ଇଣ୍ଡିଆ (ସିଏସ୍‌ଆଇ) ପକ୍ଷରୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ତିନିଦିନ ଧରି ଚାଲିଥିବା ସିଏସ୍‌ଆଇର ୫୩ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଶନିବାର ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାଇବର ସୁରକ୍ଷା ପରାମର୍ଶଦାତା ଡ. ଗୁଲ୍‌ସନ୍ ରାୟ, ନ୍ୟାସ୍‌ନାଲ୍ ବୋର୍ଡ ଅଫ୍ ଆକ୍ରିଡିଟେସନ୍‌ର ଅଧ୍ୟକ୍ଷ ପ୍ରଫେସର କେ କେ ଅଗ୍ରୱାଲ, ଆଇଏଫ୍‌ଆଇପିର ଅଧ୍ୟକ୍ଷ ପ୍ରଫେସର ମାଇକ୍ ହିଞ୍ଚି, ସିଏସ୍‌ଆଇ ଇଣ୍ଡଷ୍ଟ୍ରି କମିଟିର ଆବାହାକ ଅଙ୍କୁର ପଟେଲ୍, ସମ୍ମିଳନୀ କାର୍ଯ୍ୟକ୍ରମ କମିଟି ପ୍ରଫେସର ପି କେ ବେହେରା, ସମ୍ମିଳନୀ କମିଟିର ଅଧ୍ୟକ୍ଷ ଆର କେ ବ୍ୟାସ୍ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ପ୍ରଯୁକ୍ତି ବିଦ୍ୟାର ପ୍ରଚାର ଓ ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ସିଏସ୍‌ଆଇ ପକ୍ଷରୁ କୁହାଯାଇଛି। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବେ ଆମ ପ୍ରତ୍ୟେକଙ୍କ ଜୀବନର ଏକ ଅଙ୍ଗ ପାଲଟିଛି। ପ୍ରତି କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ସିଏସ୍‌ଆଇ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ଶ୍ରୀ ସାମନ୍ତ ସିଏସ୍‌ଆଇର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୪ ମସିହାରେ ଶ୍ରୀ ସାମନ୍ତଙ୍କୁ ସିଏସ୍‌ଆଇ ପକ୍ଷରୁ ସମ୍ମାନସୂଚକ ଫେଲୋସିପ୍ ପୁରସ୍କାର ମଧ ପ୍ରଦାନ କରାଯାଇଥିଲା।

## ଭିକ୍ଟର ହୋଭଲ୍ୟାଣ୍ଡ ଆବୁଧାବିରେ ଜିତିଲେ ହିରୋ ଚ୍ୟାଲେ

ଭୁବନେଶ୍ୱର : ପ୍ରଶିଦ୍ଧ ୟଶ ମାରିନା ଫର୍ମୁଲା ୧ ରେ ଅତି ଉଚ୍ଚ କୋଟି ର ପ୍ରଦର୍ଶନ ଦେଖାଇ ଭିକ୍ଟର ହୋଭଲ୍ୟାଣ୍ଡ ଆବୁଧାବିରେ ହିରୋ ଚ୍ୟାଲେ ରେ ବିଜୟୀ ଘୋଷିତ ହୋଇଛନ୍ତି। ଏହା ତାଙ୍କର ପ୍ରଥମ ପେଶାଦାର ବିଜୟ। ହିରୋ ମୋଟୋକର୍ପର ଚେୟାରମ୍ୟାନ ଡଃ ପୱନ ମୁଲ ବିଜୟୀ ହୋଭଲ୍ୟାଣ୍ଡ ଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ନରୱେର ୨୨ ବର୍ଷୀଆ ହୋଭଲ୍ୟାଣ୍ଡ ବିଶ୍ୱର ନମ୍ବର ୧ ବ୍ରୁକ୍ସ କୋଏପକା ଙ୍କୁ ସେମିଫାଇନାଲ ଏବଂ ପୂର୍ବତନ ଚମ୍ପିୟାନ ଲୁଇସ ଉସଥୁଜେନ ଙ୍କୁ ତିବ୍ର ପ୍ରତିଦ୍ୱନ୍ଦିତାରେ ହରାଇ ଚମ୍ପିୟାନ ହୋଇଛନ୍ତି। ବିଶ୍ୱର ସର୍ବବୃହତ ମୋଟରସାଇକେଲ ଏବଂ ସ୍କୁଟର ନିର୍ମାତା ହିରୋ ମୋଟୋକର୍ପ ନିକଟରେ ହିରୋ ଚ୍ୟାଲେ ର ୟୁରୋପ ଟୁର ଆରମ୍ଭ କରାଯାଇଛି। ୨୦୨୦ ମସିହାରେ ଆବୁଧାବିରେ ପ୍ରଥମ ଥର ପାଇଁ ଏହା ଆୟୋଜନ କରାଯାଇଥିଲା। ୟୁରୋପରେ ଏହି ଚମ୍ପିୟାନସିପ ର ତିନୋଟି ସଂସ୍କରଣ ଆୟୋଜନ କରାଯାଇ ଶେଷରେ ଦୁବାଇ ଠାରେ ସମସ୍ତ ଚାରୋଟି ହିରୋ ଚ୍ୟାଲେ ର ବିଜେତାଙ୍କୁ ସମ୍ମାନୀତ କରାଯିବ।

# ଗଣେଶ ଗୃପ୍ ଅଫ୍ ଇନିଷ୍ଟିଚ୍ୟୁସନ୍‌ରେ ବାର୍ଷିକ ଉତ୍ସବ



ଭୁବନେଶ୍ୱର: ଗଣେଶ ଇନିଷ୍ଟିଚ୍ୟୁଟ୍ ଗୃପ୍ ଅଫ୍ ଇନିଷ୍ଟିଚ୍ୟୁସନ୍‌ରେ ବାର୍ଷିକ ଉତ୍ସବ 'ସ୍ୱସ୍ତିକ୍-୨୦୨୦' ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମୂଖ୍ୟଅତିଥି ଡ଼. ଅରୁଣ କୁମାର ସାହୁ, ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ଅଧିକାର, ମତ୍ସ୍ୟ ଓ ପଶୁ ସମ୍ପଦ,ଉଚ୍ଚ ଶିକ୍ଷାବିଭାଗ, ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଡ଼. ସାହୁ ଶିକ୍ଷାର ମାନଦଣ୍ଡ ବଢାଇବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ନିତି ଓ ପନ୍ଥା ବିଷୟରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ମୂଖ୍ୟବକ୍ତା ଭାବରେ ଡ଼. ବିଷ୍ଣୁ ଚରଣ ଚୌଧୁରି ଯୋଗଦାନ କରିଥିଲେ। ଡ଼. ଚୌଧୁରି ରାଜନିତି ବିଜ୍ଞାନରେ ପ୍ରଫେସର ଥିଲେ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ଏହି ଉତ୍ସବରେ ଶ୍ରୀଯୁକ୍ତ ବିଭୁ ପ୍ରସାଦ ମିଶ୍ର, ଉପାଧ୍ୟକ୍ଷ, ଜିନ୍ଦଲଷ୍ଟିଲ ଓ ପାୱାର ଓ ପ୍ରଫେସରକୁ ବିହାରି ପଣ୍ଡା, ବିଭାଗୀୟ ମୂଖ୍ୟ, ପରିସଂଖ୍ୟାନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗଣେଶ ଇନିଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ଡ଼. ବିଭୁତିଭୂଷଣ ତ୍ରିପାଠୀ ଅନୁଷ୍ଠାନର ଭବିଷ୍ୟତରେ କରିବାକୁ ଯାଉଥିବା ଦକ୍ଷତା ବିକାଶ, ଉଦ୍ୟୋକ୍ତା ଏବଂ ନିଯୁକ୍ତି ପ୍ରଦାନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତି କରାଇଥିଲେ।

# ଦେଶର ସର୍ବାଧିକ ବିକ୍ରି ହେଉଥିବା ମାରୁତି ସୁଜୁକି ଇକୋ ବର୍ତ୍ତମାନ ବିଏସ୬ କମ୍ପ୍ଲିଆଣ୍ଟରେ

ଭୁବନେଶ୍ୱର: ବିଏସ୬ ଟ୍ରାନ୍ସିସନକୁ ଅତିକ୍ରମ କରିଥିବା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ଦେଶର ସର୍ବାଧିକ ବିକ୍ରିତ ମଲଟି-ପରପସ୍ ଭ୍ୟାନ ଇକୋର ବିଏସ୬ ଭ୍ୟାରିଆଣ୍ଟର ଶୁଭାରମ୍ଭ କରାଯାଇଛି। ସରକାରଙ୍କର ଅନୁବନ୍ଧିତ ସମୟସୀମାର ଆଗରେ ଇକୋ, ମାରୁତି ସୁଜୁକି ପକ୍ଷରୁ ନବମ ବିଏସ୬ ଅବଦାନ। ଗୋଟିଏ ନିମ୍ନ ମେଣ୍ଟେନାନ୍ସ ମୂଲ୍ୟରେ ଅଭୁତପୂର୍ବ ମାଇଲେଜ, ଶ୍ରେଷ୍ଠ ବର୍ଗର ଆରାମ, ସ୍ପେସ ଏବଂ ସାମର୍ଥ୍ୟ ସହ ଇକୋ ଏକ ଦୃଢ଼ ଆଧିପତ୍ୟ ସ୍ଥାପନ କରିଛି। ମାରୁତି ସୁଜୁକି ଇକୋ ୨୦୧୦ ଜାନୁଆରୀରେ ଶୁଭାରମ୍ଭ ହୋଇଥିଲା ଏବଂ ୬.୫ ଲକ୍ଷର କ୍ରମିକ ବିକ୍ରୟ ଅତିକ୍ରମ କରିଥିଲା। 'ପରିବାର ଔର ବ୍ୟାପାର କା ନଂ ୱାନ ସାଥୀ' କୁ ବାସ୍ତବ ରୂପେ ପ୍ରତିଫଳିତ କରୁଥିବା ଏହି ମଲଟି-ପରପସ୍ ଇକୋକୁ ଦୁଇଟି ଉଦ୍ଦେଶ୍ୟକୁ ସଞ୍ଚାଳନ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହାକି ଏକ ବିଚକ୍ଷଣ ପରିବାର ଗମନାଗମନ ହେବା ସମେତ ଏକ ନିର୍ଭରଯୋଗ୍ୟ ବିଜନେସ ଯାନ ମଧ ହୋଇପାରିବ। ବିଏସ୬ ସମୃଦ୍ଧ ଇକୋର ବଜାର ପ୍ରବେଶ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ, ଏକ୍ସିକ୍ୟୁଟିଭ ଡାଇରେକ୍ଟର (ମାର୍କେଟିଙ୍ଗ ଏବଂ ସେଲସ), ଶ୍ରୀ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି ଯେ, 'ମାରୁତି ସୁଜୁକିଠାରେ ଆମେ ଆମର ଗ୍ରାହକମାନଙ୍କୁ ଭରସାଯୋଗ୍ୟ ଗତିଶୀଳ ସମାଧାନ ଯୋଗାଇଦେବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ଇକୋରେ ବିଏସ୬ର ପରିଚିତି ଆଗକୁ ଯାଇ ଏକ ସ୍ୱଚ୍ଛ ପରିବେଶ ଦିଗରେ ଆମର ପ୍ରତିଶ୍ରୁତିକୁ ତ୍ୱରାନ୍ୱିତ କରିବ। ଇକୋ ସହିତ ଏହି ସେଗମେଣ୍ଟରେ ଏକ ଦୃଢ଼ ପ୍ରତିଷ୍ଠା ସ୍ଥାପନ କରିବାକୁ ଆମେ ସୁନିଶ୍ଚିତ ଏବଂ ଆମେ ଗ୍ରାହକମାନଙ୍କୁ ସେମାନଙ୍କର ଅବିରତ ସମର୍ଥନ ପାଇଁ ଧନ୍ୟବାଦ ଜଣାଇବାକୁ ଚାହୁଁଛୁ।' ବର୍ତ୍ତମାନ ମାରୁତି ସୁଜୁକି ଇକୋ ୫-ସିଟର, ୭-ସିଟର, କାର୍ଗୋ ଏବଂ ଆମ୍ବୁଲାନ୍ସ ବିକଳ୍ପ ସହିତ ୧୨ଭ୍ୟାରିଆଣ୍ଟ ଭଳି ବ୍ୟାପକ ରେ ପ୍ରଦାନ କରୁଛି। ଏହି ଯାନ ଆମ୍ପଲ ଲେଗରୁମ, ହେଡରୁମ ଏବଂ ରିକ୍ଲିନିଙ୍ଗ ସିଟ, ସ୍ୱଚ୍ଛ ହେଡଲ୍ୟାମ୍ପ, ସିଏନଜି ଚେଓଭର ସ୍ୱିଚ, ମଲଟି-ଟ୍ରିପ ମିଟର, ହେଡଲ୍ୟାମ୍ପ, ଲେବଲିଙ୍ଗ ଆଦି ଭଳି ଅନ୍ୟ କେତେକ ବ୍ୟବସ୍ଥିତ ବୈଶିଷ୍ଟ୍ୟ ଯୋଗାଇଦେଉଛି।

# ଠୁ ୟାମ୍‌ର ବ୍ରାଣ୍ଡ ଆମ୍ବାସେଡ଼ର ହେଲେ ବିରାଟ କୋହିଲି

ଭୁବନେଶ୍ୱର : ଠୁ ୟାମ୍ ! ଗିଲ୍ଟଫ୍ରି ଇଣ୍ଡାଷ୍ଟ୍ରିଜ ଘରୁ ଆସିଥିବା ଭାରତର ପସନ୍ଦୀୟ ସ୍ନେକ ବ୍ରାଣ୍ଡ, ଆରପି ସିଭ ଗୋୟଙ୍କା ଗୋଷ୍ଠୀର ଏଫଏମସିଜି ଡିଭିଜନ 'ହର କାର୍ଭିଙ୍ଗ କା ଜୱାବ' ବିଷୟବସ୍ତୁ ସହିତ ବ୍ରାଣ୍ଡ ଏମ୍ବାସଡର ବିରାଟ କୋହିଲିଙ୍କ ସହିତ ଏହାର ନବୀନତମ ବିପଣନ ଅଭିଯାନ ଅନାବରଣ କରିଥିଲେ। ବିରାଟ କୋହିଲିଙ୍କ ଅନୁସାରେ ନୁଡୁଲ ମସାଲା, ଦହି ପାପଡି ଚାଟ୍, ଚିଲୀ ଚଟକା ଏବଂ ଚିଲୀ ଆଚାରୀ ଲୋକଙ୍କ ଅତି ପ୍ରିୟ ପସନ୍ଦ। ଏହି ଅବସରରେ ଅନୁପମ ବୋକେ ସିଏମଓ ଗିଲ୍ଟଫ୍ରି ଇଣ୍ଡାଷ୍ଟ୍ରିଜ୍ ଲିମିଟେଡ, ଆରପିଏସଜି, ଏଫଏମସିଜି, କହିଛନ୍ତି ଯେ, 'ପ୍ରତ୍ୟେକ ଅଭିଯାନରେ ଠୁ ୟାମ ! ପାଇଁ ଆମେ କରିଥିବା କାମ ବ୍ରାଣ୍ଡ ପାଇଁ ଏକ ରୋମାଞ୍ଚକର ଯାତ୍ରା ହୋଇଥାଏ। ଆମର ଲକ୍ଷିତ ଦର୍ଶକ ମାନଙ୍କ ପାଇଁ ଅଭିନବତ୍ୱ ଆଣିବ, ଅଲଗା କରିବା ଓ ଶୋକେସ କରିବାକୁ ଆମକୁ ଆଧାର ଯୋଗାଇଥିବା ଆମର ଅଦ୍ୱିତୀୟ 'ବେକାହୋଇଥିବା' ଚିତ୍ରଣ ଉପରେ ଆମେ ପ୍ରକୃତରେ ବିଶ୍ୱାସ କରୁ।'' 'ଆରପିଏସ୍‌ଜି'ରେ ଆମେ ସମସ୍ତେ ଏଫଏମସିଜି'ର ଉଚ୍ଚକାଂକ୍ଷା ପାଇଁ ଅତ୍ୟନ୍ତ ପ୍ରତିବନ୍ଧ ଅଟୁ ଏବଂ ଆମର ବର୍ତ୍ତମାନର ଅଫରିଙ୍ଗକୁ ସବୁ ସମ୍ଭବ ବାଟରେ ଉନ୍ନତ କରିବା ପାଇଁ ଆମେ ନିରନ୍ତର କାମ କରୁଛୁ। ଭାରତୀୟ ବଜାରରେ ଠୁ ୟାମ୍ !ର ସଫଳତାରେ ଆମେ ଅତ୍ୟନ୍ତ ପ୍ରସନ୍ନ ଏବଂ ଏହା ଉପରେ ଅଧିକ କରିବାକୁ ଆମେ ଲକ୍ଷ୍ୟ ରଖିଛୁ।' ବୋଲି ଶାଶ୍ୱତ ଗୋୟଙ୍କା, ସେକ୍ଟର ମୁଖ୍ୟ - ଖୁଚୁରା ଏବଂ ଏଫଏମସିଜି, ଆରପି ସିଭ ଗୋୟଙ୍କା କହିଥିଲେ। ଏହି ଅବସରରେ ସିଓ, ଗରିମା ଖଣ୍ଡେଲୱାଲ କହିଛନ୍ତି ଯେ, 'ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ କ୍ରେଭିଙ୍ଗ ଷ୍ଟ୍ରାଇକ କରିପାରେ - ବେଳେବେଳେ ତାହା ଅବଶ୍ୟକତା ହୋଇଥାଏ, ବେଳେବେଳେ ବିହର, ବେଳେବେଳେ ଯାଦୃଚ୍ଛିକ ହୋଇଥାଏ ଏବଂ ସେତେବେଳେ ହିଁ ଠୁ ୟାମ୍!!ର ଅଦ୍ୱିତୀୟ ସ୍ୱାଦ ଓ ବିରାଟ ରକ୍ଷା କରିବାକୁ ଆସିଥାନ୍ତି।'

# ଆମ୍‌ୱେ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରରେ 'ଆମ୍‌ୱେ ଫେସନ୍ ସୋ' ଆୟୋଜିତ




ଭୁବନେଶ୍ୱର: ଭାରତର ଅଗ୍ରଣୀ ପ୍ରତ୍ୟକ୍ଷ ବିକ୍ରି କଂପାନି ଆମ୍‌ୱେ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରରେ ଏକ ରଙ୍ଗାରଙ୍ଗ ଫେସନ ଉତ୍ସବ 'ଆମୱେ ଫେସନ ସୋ' ଆୟୋଜନ କରାଯାଇଥିଲା। ଏହି ସନ୍ଧ୍ୟାରେ ବିଭିନ୍ନ ରଙ୍ଗ ଓ ପ୍ରତିଭା ଦେଖିବାକୁ ମିଳିଥିଲା ଯେଉଁଥିରେ ଆମ୍‌ୱେର ପ୍ରତ୍ୟକ୍ଷ ବିକ୍ରେତାମାନେ ର୍‌ୟାମ୍ପ୍‌ରେ ଷ୍ଟାଇଲ୍‌ର ସହ ଚାଲିଥିଲେ। ସ୍ପୋର୍ଟସ ଚାମ୍ପିଆନ ପର୍ଯ୍ୟାୟ, ବଲିଉଡ ସୁପରଷ୍ଟାର ପର୍ଯ୍ୟାୟ ଓ ଏଥନିକ ରକ୍‌ଷ୍ଟାର୍ ପର୍ଯ୍ୟାୟ ଭଳି ବିଷୟବସ୍ତୁ ଭିତିକ ପର୍ଯ୍ୟାୟରେ ଆମୱେ ଫେସନ ସୋ'ରେ ଯୁବସୁଲଭତା ଓ ଜୀବନ୍ତ ଭାବ ଦେଖିବାକୁ ମିଳିଥିଲା। ମହିଳା ପ୍ରତିଯୋଗୀମାନେ ଜୀବନ୍ତ ଆଟିଚ୍ୟୁଡ ରଙ୍ଗ ପରିଧାନ କରିଥିବା ବେଳେ ମହିଳା ପ୍ରତିଯୋଗୀମାନେ ନିଜସ୍ୱ ଷ୍ଟାଇଲ୍‌ରେ ର୍‌ୟାମ୍ପ୍‌ରେ ଚାଲିଥିଲେ। ସ୍ପୋର୍ଟସ ଚାମ୍ପିଆନ୍ ପର୍ଯ୍ୟାୟରେ ସୂର୍ଯ୍ୟସ୍ରାତ ଶର୍ମା ବିଜେତା ହୋଇଥିବା ବେଳେ ଅନିଷା ପରିଡ଼ା ରନର୍ସ ଅପ୍ ହୋଇଥିଲେ। ବଲିଉଡ୍ ସୁପରଷ୍ଟାର୍ ପର୍ଯ୍ୟାୟରେ ସୁସ୍ମିତା ଓ ଲୋପାମୁଦ୍ରା ଦ୍ୱୟ ବିଜେତା ହୋଇଥିବା ବେଳେ ଡକ୍ଟର ରବି ଓ ଅଭିଜିତ ରନର୍ସ ଅପ୍ ହୋଇଥିଲେ। ଏଥନିକ୍ ରକ୍‌ଷ୍ଟାର୍ ପର୍ଯ୍ୟାୟରେ ସଙ୍ଗୀତା ମହାପାତ୍ର ବିଜୟୀନି ହୋଇଥିବା ବେଳେ ବିଶ୍ୱବନ୍ଦିତା ରାଉତ ଏହି ପର୍ଯ୍ୟାୟରେ ରନର୍ସ ଅପ ହୋଇଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ଚନ୍ଦ୍ର ଭୂଷଣ ଚକ୍ରବର୍ତୀ, ଉପସଭାପତି-ପୂର୍ବ, ଆମୱେ ଇଣ୍ଡିଆ କହିଛନ୍ତି ଯେ, ଆମୱେ ଫେସନ ସୋ'ର ପ୍ରତି ସଂସ୍କରକୁ ଆମ ଦର୍ଶକଙ୍କ ଜବରଦସ୍ତ ସମର୍ଥନ ଏବଂ ଭଲ ପାଇବା ମିଳିଛି। ଆମ ପ୍ରତ୍ୟକ୍ଷ ବିକ୍ରେତାଙ୍କ ରହିଥିବା ପ୍ରତିଭାକୁ ପ୍ରଦର୍ଶନ କରିବାର ଶ୍ରେଷ୍ଠ ଉପାୟ ହେଉଛି ଏହି ଫେସନ ସୋ'।'' 'ଆମର ଆଟିଚ୍ୟୁଡ ବର୍ଗ ଜୀବନ୍ତ ଭାରତୀୟ ଯୁବପିଢ଼ିକୁ ଉପସ୍ଥାପିତ କରୁଛି ଏବଂ ଉତ୍ପାଦଗୁଡ଼ିକ ଭାରତୀୟ ଚର୍ମ ପାଇଁ ପ୍ରସ୍ତୁତ କରାଯାଇଛି। ପର୍ସୋନା ବ୍ରାଣ୍ଡ୍ ଉପରେ ଗଠନ କରି ଆମେ 'ଡୋନଟ ଲିମିଟ ମାଇଁ ଆଟିଚ୍ୟୁଡ୍' ଡିଜିଟାଲ୍ ଅଭିଯାନ ଆରମ୍ଭ କରିଥିଲୁ ଯାହା ଭାରତୀୟ ମହିଳାଙ୍କ ଉତ୍ସବ ପାଳନ କରୁଛି ଯେଉଁମାନେ ଚିରାଚରିତ ପ୍ରଥା ବିରୋଧରେ ଲଢ଼େଇ କରିଛନ୍ତି ଓ ଜୀବନରେ ସଫଳତା ହାସଲ କରିଛନ୍ତି। ଆମର ସମସ୍ତ ମହିଳା ବିକ୍ରେତାଙ୍କ ସମସ୍ତ ଭାବକୁ ନେଇ ଏବଂ ଏହି ଫେସନ ସୋ' ହେଉଛି ଭାବର ପ୍ରକୃତ ପ୍ରତିଫଳନ ଯାହା ଆମୱେର ମହିଳା ସଶକ୍ତୀକରଣ ଭାବକୁ ପରିପ୍ରକାଶ କରୁଛି।'' ବୋଲି ଶ୍ରୀଯୁକ୍ତ ଚକ୍ରବର୍ତୀ କହିଛନ୍ତି। ଆଟିଚ୍ୟୁଡ୍ ହେଉଛି ଏକ ପ୍ରିମିୟମ୍ ସ୍କିନକେୟାର ଓ ପ୍ରସାଧନ ସାମଗ୍ରୀ ବ୍ରାଣ୍ଡ୍ ଯାହାକୁ ସ୍ୱତନ୍ତ୍ର ଭାବେ ଭାରତୀୟ ଯୁବପିଢ଼ିଙ୍କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି ଯେଉଁମାନେ 'ତାଙ୍କ ପାଇଁ ସୁନ୍ଦୀତା ହେଉଛି ଏକ ସୁନ୍ଦର ମୁଖ ଠାରୁ ଅଧିକ। ସେମାନଙ୍କ ବ୍ୟକ୍ତିତ୍ୱ ଓ ଭାବ ହିଁ ତାହା ନିର୍ଧାରଣ କରେ' ଉପରେ ବିଶ୍ୱାସ କରନ୍ତି। ଆଟିଚ୍ୟୁଡ ଏକ ବର୍ଗ ପ୍ରଦାନ କରୁଛି ଯାହା ଜଣଙ୍କ ଚର୍ମର ଯତ୍ନ ନିଏ ଏବଂ ରଙ୍ଗର ଏକ ବଳିଷ୍ଠ ସଂଜ୍ଞା ପ୍ରଦାନ କରେ ଯାହା ଜଣକଙ୍କୁ ଅନ୍ୟ ଠାରୁ ଅଲଗା କରିଥାଏ। ଏହାର ବର୍ଗରେ ବିଭିନ୍ନ ପ୍ରକାରର ସାମଗ୍ରୀ ଯଥା କ୍ଲିର, ଟୋନର, ମଏଶ୍ଚରାଇଜର, ସନସ୍କ୍ରିନ ଲୋସନ, ଫେଓ ୱାସ, ମେସ ମାସ୍କ, ହାଣ୍ଡ ଓ ବଡି କ୍ରିମ୍, ଫୁଟ କ୍ରିମ୍ ଏବଂ ନୂତନ ଭାବେ ଉନ୍ମୋଚନ କରାଯାଇଥିବା ବି ବ୍ରାଇଟ ବର୍ଗର ଉତ୍ପାଦ ରହିଛି।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଧାନକିଣା

କୋରାଇ: ପ୍ରଥମ ଥର ପାଇଁ ଆଜି କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତର ଗୋବିନ୍ଦପୁର ରାମେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଚାଷୀ ମାନଙ୍କ ଠାରୁ ଧାନ କ୍ରୟର ଶୁଭାରମ୍ଭ କରାଯାଇଛି। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନାର ଏହା ଏକ ନମୁନା ସୃଷ୍ଟି କରିପାରିଛି। ଏହି କେନ୍ଦ୍ରକୁ ମୁଖ୍ୟ ଅତିଥିଭାବେ ମିଶନ ଶକ୍ତି ଅଧିକାରୀ ପ୍ରିୟଙ୍କା ମହାନ୍ତି, ସମ୍ମାନୀତ ଅତିଥିଭାବେ ଯୁବ ସମାଜସେବୀ ଗୋଲକ ଚନ୍ଦ୍ର ମାଝୀ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି କାଂଚନ ଜେନା, ସମ୍ପାଦିକା ଲକ୍ଷ୍ମୀପ୍ରୀୟା ବେହେରାଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ। ଏହା ଅଧିନରେ ମୋଟ ୧୨୩ ଜଣ ଚାଷୀଙ୍କ ନାମ ପଂଜୀକୃତ ହୋଇଥିବା ବେଳେ ସେମାନଙ୍କ ଠାରୁ ଧାନ କିଣା ହେବାକୁ ସ୍ଥିର କରାଯାଇଥିବା ସଭାପତି ଶ୍ରୀମତି ଜେନା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ନିରଂଜନ ନାୟକ, ପୂର୍ବତନ ସମିତିସଭ୍ୟ କାର୍ତିକ ପଣ୍ଡା, ରାମ ଚନ୍ଦ୍ର ବେହେରା, ହରେକୃଷ୍ଣ ପାଳ, ମଧୁସୂଦନ ନନ୍ଦୀ, ଅକ୍ଷୟ ମହାରଣା, କିଶୋର ପାଳ, ଦୁର୍ଯ୍ୟୋଧନ ଦାସ, ବୈକୁଣ୍ଠ ଦତ, ଗଦାଧର ନାୟକ, ସୂର୍ଯ୍ୟମଣୀ ଜେନା, ରଘୁନାଥ ଦାସ, ସୁଧାକର ଭୂତିଆ, ରତିକାନ୍ତ ପଣ୍ଡା, ଅଭିମନ୍ୟୁ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଓପୋ ଏଫ୍୧୫ର ଶୁଭାରମ୍ଭ ସହ ଭାରତରେ ଏଫ୍ ସିରିଜ୍ ପୋର୍ଟଫୋଲିଓର ସମ୍ପ୍ରସାରଣ

ଭୁବନେଶ୍ୱର : ପ୍ରମୁଖ ଗ୍ଲୋବାଲ ସ୍ମାର୍ଟଫୋନ୍ ବ୍ରାଣ୍ଡ ଓପୋ ପକ୍ଷରୁ ଭାରତରେ ଏହାର ନୂତନ ସ୍ମାର୍ଟଫୋନ୍ ଏଫ୍୧୫ର ଶୁଭାରମ୍ଭ କରାଯାଇଛି। ଓପୋର ଲୋକପ୍ରିୟ ଏଫ୍ ସିରିଜ୍‌ର ଏହି ନୂତନ ସ୍ମାର୍ଟଫୋନ୍ ଏଫ୍୧୫ ମାତ୍ର ୭.୯ ଏମ୍‌ଏମ୍ ପତଳା ଓ ୧୭୨ ଗ୍ରାମ ଓଜନ ସହ ଏକ ଷ୍ଟାଇଲିସ୍ ଡିଜାଇନ୍‌ରେ ଆସିଛି। ଏହି ସ୍ଲିକ୍ ସ୍ମାର୍ଟଫୋନ୍‌ରେ ଆକର୍ଷଣୀୟ ଲୁକ୍ ସହ ଲେଜର୍ ଲାଇଟ୍-ରିଫ୍ଲେକ୍ଟିଭ୍ ବ୍ୟାକ୍ କଭର୍ ରହିଛି, ଯାହାକି ଏହାକୁ ନିଜ ଷ୍ଟାଇଲ୍‌କୁ ଦେଖାଇବାକୁ ପସନ୍ଦ କରୁଥିବା ଯୁବ ଗ୍ରାହକମାନଙ୍କ ପାଇଁ ଏକ ଆଦର୍ଶ ସ୍ମାର୍ଟଫୋନ୍‌ରେ ପରିଣତ କରିବ। ଓପୋ ଏଫ୍୧୫ରେ ୪୮ ମେଗାପିକ୍ସେଲ ଅଲ୍‌ଟ୍ରା ୱାଇଡ୍-ଆଙ୍ଗେଲ ମାକ୍ରୋ କ୍ୱାଡ୍‌କମ୍ କ୍ୟାମେରା ରହିଛି, ଯାହା ଏକ ଚମତ୍କାରୀ ଫଟୋଗ୍ରାଫି ଅନୁଭୂତି ପ୍ରଦାନ କରୁଛି। ଏହା ବ୍ୟତୀତ ଏହି ସ୍ମାର୍ଟଫୋନ କଲରଓଏସ୬.୧.୨ ଏବଂ ୪୦୦୦ ମେଗାହର୍ଜ ବ୍ୟାଟେରୀ ଭଳି ଆହୁରି ଅନେକ ବୈଶିଷ୍ଟ୍ୟରେ ବ୍ୟବସ୍ଥିତ ହୋଇ ଆସିଛି। ଲାଇଟ୍‌ନିଙ୍ଗ ବ୍ଲାକ୍ ଓ ୟୁନିକର୍ଣ୍ଣ ହ୍ୱାଇଟ୍ କଲର୍‌ରେ ଉପଲବ୍ଧ ହେଉଥିବା ଓପୋ ଏଫ୍୧୫ ଆସନ୍ତା ଜାନୁଆରୀ ୨୪ ତାରିଖରୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଷ୍ଟୋର୍‌ରେ ମାତ୍ର ୧୯,୯୯୦ ଟଙ୍କାରେ ବିକ୍ରି ପାଇଁ ଉପଲବ୍ଧ ହେବାକୁ ଯାଉଛି। ଏହି ଅବସରରେ ଓପୋ ଇଣ୍ଡିଆର ଉତ୍ପାଦ ଓ ବିତରଣ ବିଭାଗ ଉପାଧ୍ୟକ୍ଷ, ଶ୍ରୀ ସୁମିତ ୱାଲିଆ କହିଛନ୍ତି ଯେ, 'ଓପୋ ଗ୍ରାହକଙ୍କୁ ବେଷ୍ଟ୍ ଇନ୍ କ୍ଲାସ୍ ଉପଭୋକ୍ତା ଅଭିଜ୍ଞତା ପ୍ରଦାନ କରିବା ଲାଗି ନିଜ ସୀମା ଆଗକୁ ବଢାଇବାରେ ବିଶ୍ୱାସ ରଖିଥାଏ। ଏହା ଯୁବ ଉପଭୋକ୍ତାଙ୍କୁ ଅଧିକ ଆକର୍ଷିତ କରିବ ବୋଲି ଆମେ ବିଶ୍ୱାସ ରଖିଛୁ।' ଏହି ସ୍ମାର୍ଟଫୋନ୍‌ର ୯୦.୭%ର ସ୍କ୍ରିନ୍-ଟୁ-ବଡି ରେସିଓ ସହ ଏଫ୍‌ଏଚ୍‌ଡି ଯୁକ୍ତ ଆମୋଲେଡ୍ ସ୍କ୍ରିନ୍‌ର ୨୪୦୦:୧୦୮୦ ରିଜୋଲ୍ୟୁସନ ଆପଣଙ୍କୁ ଏକ ଅଲ୍‌ଟ୍ରା-କ୍ରିସ୍ପ ଗେମିଙ୍ଗ୍ ଓ ଏଂଟର୍‌ଟେନ୍‌ମେଂଟ୍ ଅଭିଜ୍ଞତାରେ ସମ୍ପୂର୍ଣ୍ଣ ରୂପେ ନିମଜ୍ଜିତ କରିଥାଏ। ଏହାବାଦ ୟୁଟ୍ୟୁବ୍, ନେଟ୍‌ଫ୍ଲିକ୍ସ କିମ୍ବା ଆମାଜନ୍ ପ୍ରାଇମ୍ ଭିଡିଓ ଆଦି ଫୁଲ୍ ଏଚ୍‌ଡିରେ ଦେଖୁଥିବା ସମୟରେ ଆପଣଙ୍କୁ ଏକ ହାଇଡେଫିନିସନ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଓପୋ ଏଫ୍୧୫ ଲକ୍ଷ୍ୟ ରଖିଛି।

# ସରକାରୀ ଅନାବାଦୀ ଗୋଚର ଜମିରେ ଇଟା ମାଫିଆଙ୍କ ରାଜ୍

କେନ୍ଦ୍ରାପଡ଼ା: ସରକାରୀ ଅନାବାଦୀ ଗୋଚର ଜମିରେ ଇଟା ମାଫିଆଙ୍କ ରାଜ୍ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମରେ ବେଆଇନ୍ ଭାବେ ଇଟା ନିର୍ମାଣ କରି ବ୍ୟବସାୟ କରୁଥିବା ଉପଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି। ବିଜୟ ନଗର ଗ୍ରାମ ପଂଚାୟତ ଅନ୍ତର୍ଗତ ଶଂଖପଦା ରାଜସ୍ୱ ଗ୍ରାମରେ ପ୍ରାୟ ୮୦ ଏକର ସରକାରୀ ଗୋଚର ଜମି ଅଛି। ସ୍ଥାନୀୟ କେତେକ ଲୋକ ଜୋର ଜବରଦସ୍ତି ବେଆଇନ୍ ଭାବେ ଇଟାଭାଟି ନିର୍ମାଣ କରି ଲକ୍ଷ ଲକ୍ଷ ଟଙ୍କା ଆୟ କରୁଛନ୍ତି। ଇଟାଭାଟି ପଡିବାରୁ ଉକ୍ତ ଅଂଚଳରେ ପ୍ରଦୁଷଣ ନଷ୍ଟ ହେବାସହ ସ୍ଥାନୀୟ ଲୋକ ରୋଗଗ୍ରସ୍ତ ହେଉଛନ୍ତି। ଏ ନେଇ ବାରମ୍ବାର ତହସିଲଦାର ଙ୍କ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ନ ମିଳିବାରୁ ବୁଧବାର ଶଙ୍ଖପଦା ଗ୍ରାମର ଚନ୍ଦ୍ରକାନ୍ତ ସାମନ୍ତରାୟ, ପ୍ରଦୀପ୍ତ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ସେଠୀ, ଦିଲ୍ଲୀପ ସେଠି, ନିର୍ମଳ ଦାସ ପ୍ରମୁଖ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ରଙ୍କୁ ଭେଟି ଏହି ବେଆଇନ୍ ଇଟାଭାଟିକୁ ଜବତ କରିବାପାଇଁ ଦାବି କରିଛନ୍ତି।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray